୨୫ତମ ସ୍ୱନକ୍ଷତ୍ର ଦିବସ ଅଭିନନ୍ଦନ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK — ପର୍ଯ୍ୟବେକ୍ଷକ

Vol.26 . No.05 Bhubaneswar Tuesday February 07 2023 | ୨୬ତମ ବର୍ଷ ସଂଖ୍ୟା-୦୫ ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୦୭, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS



କଟକସ୍ଥିତ ନେତାଜୀ ସଂଗ୍ରହାଳୟ ପରିଦର୍ଶନରେ ପୂର୍ବତନ ଆଇଏନଏ ଭେଟେରାନ ବଲ୍ ବାହାଦୁର ନିରୋଲାଙ୍କ ପରିବାର ବର୍ଗ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂ□ରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି

## ଇଞ୍ଜିନରେ ସମସ୍ୟା ଯୋଗୁଁ ହୋଇଥିଲା ନେପାଳ ବିମାନ ଦୁର୍ଘଟଣା, ଯାଞ୍ଚ କମିଟିର ଖୁଲାସା



ନୂଆଦିଲ୍ଲୀ,୬।୨(ପି.ଏନ): ଜାନୁଆରୀ ୧୫ରେ ନେପାଳର ପୋଖରାରେ ଯେତି ଏୟାରଲାଇନ୍ସର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣା ସମୟରେ ବିମାନରେ ୭୨ ଯାତ୍ରୀ ଯାତ୍ରା କରୁଥିଲେ । ଦୁର୍ଘଟଣାରେ ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା । ଏହି ବିମାନ ଦୁର୍ଘଟଣାର ତଦନ୍ତ କରୁଥିବା କମିଟି ବଡ଼ ଖୁଲାସା କରିଛି । ଯାଞ୍ଚ କମିଟିର ତଦନ୍ତରୁ ଜଣାପଡିଛି ଯେ ବିମାନର ଇଞ୍ଜିନରେ ସମସ୍ୟା ଯାଗୁଁ ଦୁର୍ଘଟଣା ଘଟିଥିଲା । ବିମାନର ଡାଟା ରେକର୍ଡର ଏବଂ କକପିଟ୍ ଭଏସ ରେକର୍ଡର ଯାଞ୍ଚରୁ ଏହା ଜଣାପଡିଛି ।ଉଲ୍ଲେଖଯୋଗ୍ୟ ଯେ ଏହା ପୂର୍ବରୁ କିଛି ରିପୋର୍ଟରେ ଦାବି କରାଯାଇଥିଲା ଯେ ଯେତି ଏୟାରଲାଇନ୍ସର ବିମାନର ଚାଳକ ଲ୍ୟାଣ୍ଡିଂ ସମୟରେ ୱିଙ୍ଗ ଫ୍ଲେପକୁ ସମ୍ପୂର୍ଣ୍ଣ ରୂପେ ଖୋଲି ପାରି ନଥିଲେ, ଫଳରେ ବିମାନ କ୍ରାସ ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ ବିମାନକୁ ଅବତରଣ କରିବା ସମୟରେ ଏହାର ଗତିକୁ କମ କରାଇବା ଏବଂ ନିୟନ୍ତ୍ରଣରେ ରଖିବା ପାଇଁ ୱିଙ୍ଗ ଗୁଡିକର ପଛରେ ଫ୍ଲେପ ଲାଗିଥାଏ । ବିମାନ ଲ୍ୟାଣ୍ଡିଂ ସମୟରେ ଏହା ସମ୍ପୂର୍ଣ୍ଣ ରୂପେ ଚଳକୁ ରହିଥାଏ ।ନେପାଳର ପୋଖରା ବିମାନ ବନ୍ଦରରେ ଅବତରଣ ସମୟରେ ବିମାନ ଦୁର୍ଘଟଣା ହୋଇଥିଲା । ବିମାନ ଦୁର୍ଘଟଣାରେ ୫୫ ଜଣ ନେପାଳୀ ନାଗରିକ, ପାଞ୍ଚ ଭାରତୀୟଙ୍କ ସହ ୧୫ ବିଦେଶୀ ନାଗରିକ ଏବଂ ୪ ଜଣ ବିମାନ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା ।

## ବଂଶୀଧର ପ୍ରତିହାରୀଙ୍କୁ ମର୍ଯ୍ୟାଦାଜନକ ଧର୍ମପଦ ପୁରସ୍କାର

ଭୁବନେଶ୍ୱର, ୬।୨(ପି.ଏନ): ଓଡ଼ିଶା ଲଳିତ କଳା ଏକାଡେମୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ୨୦୨୨ ମସିହା ପାଇଁ ଚିତ୍ରକଳା ଓ ସ୍ଥାପତ୍ୟ କଳା କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ ଧର୍ମପଦ ପୁରସ୍କାର ଓ ଶିଳ୍ପୀ ସମ୍ବର୍ଦ୍ଧନା ସହିତ ୪୦ ତମ ରାଜ୍ୟସ୍ତରୀୟ ଚାରୁକଳା ପୁରସ୍କାର ପ୍ରଦାନ ଉତ୍ସବ ଆଜି ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଲଳିତ କଳା ଏକାଡେମୀଦ୍ୱାରା ଚିତ୍ରଶିଳ୍ପୀ ଓ ଭାସ୍କର୍ଯ୍ୟ ଶିଳ୍ପୀଙ୍କ ସମଗ୍ର ଜୀବନର ନିରବଚ୍ଛିନ୍ନ ସାଧନା ନିମନ୍ତେ ଏହି ପୁରସ୍କାର ଓ ସମ୍ବର୍ଦ୍ଧନା ୧୯୮୭ ମସିହାରୁ ପ୍ରଦାନ କରାଯାଇ ଆସୁଛି ଓ ଧର୍ମପଦ ପୁରସ୍କୃତ ଶିଳ୍ପୀଙ୍କୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଏବଂ ସମ୍ବର୍ଦ୍ଧିତ ଶିଳ୍ପୀମାନଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ସହ ତାମ୍ରଫଳକ ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଅଛି ।୯ ୪ ବର୍ଷୀୟ ଚିତ୍ରଶିଳ୍ପୀ ଶ୍ରୀ ବଂଶୀଧର ପ୍ରତିହାରୀ ୨୦୨୨ ମସିହା ପାଇଁ ଏହି ମର୍ଯ୍ୟାଦାଜନକ ଧର୍ମପଦ ପୁରସ୍କାର ଲାଭ କରିଛନ୍ତି ।

## ରାଷ୍ଟ୍ରପତିଙ୍କ ଦୁଇ ଦିନିଆ ଓଡ଼ିଶା ଗସ୍ତକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୬।୨(ପି.ଏନ): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଦୁଇ ଦିନିଆ ଓଡ଼ିଶା ଗସ୍ତକୁ ନେଇ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଛି । ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏ ସଂପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ସଚିବାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତି ଶେଷ କରିବାକୁ ଶ୍ରୀ ମହାପାତ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ପ୍ରସ୍ତୁତି ତଦାରଖ ନିମନ୍ତେ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦେଇଛନ୍ତି । ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି ।ବୈଠକରେ ଗସ୍ତ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀମତୀ ସନ୍ତୋଷ ବାଲା କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ତିନୋଟି ସାଧାରଣ କାର୍ଯ୍ୟକ୍ରମ ସଂପର୍କିତ ଗସ୍ତ ସୂଚନା ମିଳିଛି । ରାଷ୍ଟ୍ରପତି ଆସନ୍ତା ୧୦ ତାରିଖରେ ଭୁବନେଶ୍ୱର ସ୍ଥିତ ବିଜୁପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଂଚିବା ପରେ ଉକ୍ତ ମଣ୍ଡପରେ ଜ୍ଞାନପ୍ରଭା ମିଶନ ପକ୍ଷରୁ ଆୟୋଜିତ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟ ସୂଚୀ ରହିଛି । ମଧ୍ୟାହ୍ନ ବିରତି ପରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ମଧ ଯୋଗ ଦେବେ । ଏହା ପରେ ରାଷ୍ଟ୍ରପତି ରାଜଭବନରେ ରାତ୍ର ଯାପନ କରିବେ । ସେହିଭଳି ପରଦିନ ଅର୍ଥାତ୍ ୧୧ ତାରିଖ ସକାଳ ସମୟରେ ଲିଙ୍ଗରାଜଙ୍କୁ ଦର୍ଶନ କରିବା ପରେ କଟକ ଗସ୍ତ କରି ଜାତୀୟ ଧାନ ଗବେଷଣା କେନ୍ଦ୍ରଠାରେ ଦ୍ୱିତୀୟ ଭାରତୀୟ ଧାନ କଂଗ୍ରେସକୁ ଉଦ୍ଘାଟନ କରିବେ । ଏହା ପରେ ଉକ୍ତ ଦିନ ଭୁବନେଶ୍ୱର ବିମାନ ବନ୍ଦରୁ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ । ରାଷ୍ଟ୍ରପତିଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ସୁରକ୍ଷା, ଆତିଥେୟତା, ଯାନବାହାନ ଓ ବାରକେଡ ବ୍ୟବସ୍ଥା, ଅଗ୍ନିଶ୍ରମ, ସ୍ୱାସ୍ଥ୍ୟ, ନିରବଚ୍ଛିନ୍ନ ଜଳ ଓ ବିଦ୍ୟୁତ ଯୋଗାଣ, ଯୋଗାଯୋଗ, ଗଣମାଧ୍ୟମ ପରିଚାଳନା ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା । ସମସ୍ତ ପ୍ରସ୍ତୁତି ଉପରେ ନଜର ରଖିବା ସହ ଆବଶ୍ୟକସ୍ଥଳେ ମଂଚ ସାଜସଜ୍ଜା ଓ ବୈଠକରେ ଯୋଗ ଦେଉଥିବା ବ୍ୟକ୍ତି ବିଶେଷଙ୍କ ଆସନ ଗ୍ରହଣ ସଂପର୍କରେ ଗୃହ ଓ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ନିରନ୍ତର ଯୋଗସୂତ୍ର ରକ୍ଷା କରିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଯୋଗ୍ୟ, ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଦାୟିତ୍ୱରେ ନିୟୋଜିତ ଅଧିକାରୀ, ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ଅତିଥି ଏବଂ ସାକ୍ଷାତ କରିବାକୁ ଥିବା ବ୍ୟକ୍ତି ବିଶେଷଙ୍କ ୭୨ ଘଂଟା ପୂର୍ବରୁ ଆରଟିପିସିଆର ପରୀକ୍ଷା ସହ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଶାସନ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂଙ୍କ ସମେତ ପ୍ରମୁଖ ଶାସନ ସଚିବ, ସଚିବ, ଗୃହ, ପୋଲିସ, ଗୋଇନ୍ଦା ଏବଂ ଅନ୍ୟାନ୍ୟ ବିଭାଗର ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ନବ ଦାସ ହତ୍ୟା ମାମଲା: ସୌଜନ୍ୟ ଭୁଲିଗଲେ କି ରାଜ୍ୟ କ୍ୟାବିନେଟ୍ ?

ଭୁବନେଶ୍ୱର,୬।୨(ପି.ଏନ): ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକୁ ୯ଦିନ ବିତିଲାଣି, ପ୍ରଥମ ଦିନରୁ ତଦନ୍ତ ଭାର ହାତକୁ ନେଇଥିବା କ୍ରାଇମବ୍ରାଂଚ୍ ନବଙ୍କ ହତ୍ୟା ପଛର ପ୍ରକୃତ କାରଣ କ'ଣ ତା'ର ରହସ୍ୟ ଭେଦ କରିବାକୁ ସକ୍ଷମ ହୋଇପାରୁନଥିବାବେଳେ ବିରୋଧୀ ଦଳ ଓ ସାଧାରଣ ଲୋକଙ୍କ ମଧ୍ୟରେ କ୍ରାଇମବ୍ରାଂଚ୍‌ର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ଉଠିଛି । ଆଉ ଏସବୁ ଭିତରେ ନବଙ୍କ ହତ୍ୟା କାରଣ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଜଣା କହି ପୁଲିସ ଡିଜି ହାତ ଟେକିଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗୃହ ରାଷ୍ଟ୍ରମନ୍ତ୍ରୀ କିମ୍ବା ତାଙ୍କର କୌଣସି କ୍ୟାବିନେଟ୍ ସହଯୋଗୀ ମୁହଁ ନଖୋଲିବା ଏହି ହତ୍ୟାକୁ ଅଧିକ ରହସ୍ୟମୟ କରିବାରେ ଲାଗିଛି ।ନିଜ କ୍ୟାବିନେଟ୍ ସହଯୋଗୀଙ୍କୁ ହରାଇଥିଲେ ମଧ ଏପର୍ଯ୍ୟନ୍ତ ରାଜ୍ୟ କ୍ୟାବିନେଟର ଆନୁଷ୍ଠାନିକ ବୈଠକ ଡକାଇ ନବଙ୍କ ମୃତ୍ୟୁ ପାଇଁ ଶୋକ ପ୍ରସ୍ତାବଟିଏ ପାରିତ କରିବାର ସୌଜନ୍ୟକୁ ନବୀନ ପଟ୍ଟନାୟକ ସରକାର ଭୁଲି ଯାଇଛି । ପାରିପାର୍ଶ୍ୱିକ ସ୍ଥିତ, କ୍ରାଇମବ୍ରାଂଚ୍ ତଦନ୍ତର ଗତି ଓ ଦିଗକୁ ଦେଖିଲେ ନବ ଦାସ ହତ୍ୟା ପଛରେ ବଡଧରଣର ଷଡଯନ୍ତ୍ର ରହିଥିବା ଏବଂ ହତ୍ୟା ଅଭିଯୁକ୍ତ ପୁଲିସ ଏଏସଆଇ ଗୋପାଳ ଦାସଙ୍କୁ କେବଳ ମୋହରା କରାଯାଇଥିବା ନେଇ ବିରୋଧୀ ଦଳ, ପରିବାର ସଦସ୍ୟ ଓ ସାଧାରଣ ଲୋକଙ୍କ ଅଭିଯୋଗ ମଧ ଧୀରେ ଧୀରେ ଶାଣିତ ହେବାରେ ଲାଗିଲାଣି । ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ଅକାଳ ମୃତ୍ୟୁ ପରେ ଜରୁରୀକାଳୀନ ରାଜ୍ୟ କ୍ୟାବିନେଟ ବୈଠକ ଡାକି ଶୋକ ପ୍ରସ୍ତାବ ପାରିତ କରିବାର ସୌଜ୍ୟନ୍ୟ କାହିଁକି ମୁଖ୍ୟମନ୍ତ୍ରୀ ଦେଖାଇଲେ ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି ।ରାଜ୍ୟର ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ପୁଲିସ ଗୁଳି ମାରି ହତ୍ୟା କରିବା ଓଡିଶା ଇତିହାସରେ ପ୍ରଥମ ହୋଇଥିବାବେଳେ ରାଜ୍ୟ କ୍ୟାବିନେଟ ତାଙ୍କୁ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଶ୍ରଦ୍ଧାଞ୍ଜଳି ଦେବାକୁ ଆଗ୍ରହ ଦେଖାଇ ନାହାନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେତୃତ୍ୱାଧୀନ ସରକାର ନବ ଦାସଙ୍କ ହତ୍ୟା ପାଇଁ ୩ଦିନ ରାଜ୍ୟସ୍ତରୀୟ ଶୋକ ପାଳନ ପାଇଁ ନିର୍ଦ୍ଦେଶ ଦେବା ରାଷ୍ଟ୍ରୀୟ ମର୍ଯ୍ୟାଦାରେ ନବଙ୍କ ଅନ୍ତିମ ସଂସ୍କାର କଲେ । କିନ୍ତୁ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ଅକାଳ ମୃତ୍ୟୁ ବା ହତ୍ୟା ପାଇଁ ତାଙ୍କ କ୍ୟାବିନେଟ୍ ସହଯୋଗୀମାନେ ତାଙ୍କୁ ଆନୁଷ୍ଠାନିକ ଭାବେ ଶୋକ ବ୍ୟକ୍ତ କରିବାର ସୁଯୋଗ ପାଇଲେ ନାହିଁ । ମୁଖ୍ୟମନ୍ତ୍ରୀ କିମ୍ବା ତାଙ୍କ କାର୍ଯ୍ୟାଳୟ ଏଭଳି ସୌଜନ୍ୟ ପ୍ରଦର୍ଶନ ନେଇ ଆଗ୍ରହ ମଧ ଦେଖାଇ ନାହାନ୍ତି ।

## ୨୦୩୦ ସୁଦ୍ଧା ଅଣ-ଜୀବାଶ୍ମ ଇନ୍ଧନ ଭିତ୍ତିକ ଶକ୍ତି: କେନ୍ଦ୍ରମନ୍ତ୍ରୀ



ସୁଦ୍ଧା ଅଣ-ଜୀବାଶ୍ମ ଇନ୍ଧନ ଭିତ୍ତିକ ଶକ୍ତି ଉତ୍ସରୁ ପାଖାପାଖି ୫୦ ପ୍ରତିଶତ ସମନ୍ୱିତ ବୈଦ୍ୟୁତିକ ଶକ୍ତି ସ୍ଥାପିନ କ୍ଷମତା ହାସଲ କରିବାକୁ ଦେଶ ଲକ୍ଷ୍ୟ ରଖିଛି ।ଜଳବାୟୁ ପରିବର୍ତ୍ତନ ପ୍ରଦର୍ଶନ ସୂଚକାଙ୍କରେ ଭାରତ

ନୂଆଦିଲ୍ଲୀ,୬।୨(ପି.ଏନ): ବିଶ୍ୱ ତାପମାତ୍ରା ଏବଂ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହୋଇଥିବା ଆହ୍ୱାନର ମୁକାବିଲା ପାଇଁ ଜି -୨୦ ସଦସ୍ୟ ଦେଶମାନଙ୍କୁ ଏକାଠି ହେବାକୁ କେନ୍ଦ୍ର ମନ୍ତ୍ରୀ ଆର.କେ. ସିଂହ କହିଛନ୍ତି । ବେଙ୍ଗାଲୁରୁରେ ପ୍ରଥମ ଏନର୍ଜି ଟ୍ରାନ୍ସଜେନ୍ସ ୱର୍କିଂ ଗ୍ରୁପ୍ ବୈଠକରେ ସେ କହିଛନ୍ତି ଯେ , ଭାରତ ୨୦୩୦ ସୁଦ୍ଧା ୨୦୦୫ ସ୍ତରରୁ ଜିଡିପିର ନିର୍ଗମନ ତୀବ୍ରତାକୁ ୪୫ ପ୍ରତିଶତ ହ୍ରାସ କରିବାକୁ ପ୍ରତିଶ୍ରୁତିବଦ୍ଧ । ସେ କହିଛନ୍ତି, ୨୦୩୦ ଶ୍ରେଷ୍ଠ ପାଞ୍ଚଟି ଦେଶ ମଧ୍ୟରେ ସ୍ଥାନ ପାଇଛି । ମନ୍ତ୍ରୀ ଶ୍ରୀ ସିଂ ସୂଚନା ଦେଇଛନ୍ତି ଯେ ଦେଶର ମୁଣ୍ଡପିଛା ଗ୍ରୀନ୍ ହାଉସ ଗ୍ୟାସ୍ ନିର୍ଗମନ ୨୦୨୦ରେ ବିଶ୍ୱର ହାରାହାରି ୬.୩ ଟନ୍ କାର୍ବନ ନିର୍ଗମନ ପରିମାଣ ଠାରୁ ବହୁତ କମ ଅଟେ। ପରେ ଗଣମାଧ୍ୟମ ବ୍ୟକ୍ତିବିଶେଷଙ୍କୁ ସମ୍ବୋଧିତ କରି ମନ୍ତ୍ରୀ କହିଛନ୍ତି ଯେ ଶକ୍ତି ଆଧାରର ଉପଲବ୍ଧତା ସହିତ ଭାରତ ଶକ୍ତି ସୁରକ୍ଷା ହାସଲ କରିବା ଦିଗରେ ସମସ୍ତ ପଦକ୍ଷେପ ଗ୍ରହଣ କରିବ।

## ସଂସଦର ଉଭୟ ସଦନର ହଟ୍ଟଗୋଳ ପାଇଁ ସ୍ଥଗିତ

ନୂଆଦିଲ୍ଲୀ, ୬।୨(ପି.ଏନ): ସଂସଦର ଉଭୟ ସଦନରେ ଆଜି ବିରୋଧୀ ଦଳ ପକ୍ଷରୁ ହଟ୍ଟଗୋଳ କାରଣରୁ ଉଭୟ ଗୃହକୁ ଦିନ ୨ଟା ଯାଏ ସ୍ଥଗିତ କରି ଦିଆଯାଇଛି । ଲୋକସଭାରେ ବାଚସ୍ପତି ଓମ ବିରଲା ବିରୋଧୀଦଳ ମାନଙ୍କ ସଦସ୍ୟ ମାନଙ୍କୁ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅପିଲ କରିଥିଲେ । ହେଲେ ବିରୋଧୀ ଦଳର ସଦସ୍ୟ ମାନେ ଅଡାନୀ ମାମଲାରେ ଜେପିସି ତଦନ୍ତ ଦାବିରେ ସେମାନଙ୍କ ଜିଦରେ ଅଟଳ ରହିଥିଲେ। ଏହି କାରଣରୁ ବାଚସ୍ପତି ହଟ୍ଟଗୋଳକୁ ଏଡାଇବାକୁ ଯାଇ ଗୃହକୁ ୨ ଟା ଯାଏ ମୁଲତବୀ ରଖିଥିଲେ ।

## ସର୍ଭେରେ ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଭୁବନେଶ୍ୱର,୬।୨(ପି.ଏନ): ପୁଣିଥରେ ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନୋନୀତ ହୋଇଛନ୍ତି। ଆମେରିକାର ତଥ୍ୟ ଇଂଟେଲିଜେନ୍ସ ଫାର୍ମ 'ଦ ମର୍ଣ୍ଣିଂ କନସଲ୍‌ଟ' ପକ୍ଷରୁ ହୋଇଥିବା ସର୍ଭେ ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆପ୍ରୁଭାଲ ରେଟିଂ ସବୁଠୁ ଅଧିକ ରହିଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ବ୍ରିଟେନ ପ୍ରଧାନମନ୍ତ୍ରୀ ରୁଷି ସୁନକଙ୍କ ସମେତ ବିଶ୍ୱର ୨୨ ଦେଶର ନେତାଙ୍କୁ ପଛରେ ପକାଇ ମୋଦିଜୀ ଲୋକପ୍ରିୟତାର ସର୍ବାଗ୍ରେ ଅଛନ୍ତି । କେବଳ ଭାରତବର୍ଷ ନୁହେଁ, ବରଂ ସମଗ୍ର ବିଶ୍ୱ ଆଜି ମୋଦିଜୀଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରିଥିବାର ପୁଣି ଥରେ ପ୍ରମାଣିତ ହୋଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି ।ବୈଶ୍ୱିକ ମହାମାରୀ କରୋନା ସଂକଟ ସମୟରେ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ନେତୃତ୍ୱରେ ଭାରତବର୍ଷ ନିଜ ଦକ୍ଷତା ଏବଂ ପରାକାଷ୍ଠାକୁ ଦେଶ ତଥା ବିଦେଶରେ ପହଂଚି ପାରିଥିଲା । କରୋନା ପରବର୍ତ୍ତୀ ସମୟରେ ଅନେକ ଦେଶ ଆଜି ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିବାବେଳେ ଭାରତର ଆର୍ଥିକ ବ୍ୟବସ୍ଥା ମୋଦିଜୀଙ୍କ କାରଣରୁ ସୁଦୃଢ ରହିପାରିଛି । ଭାରତବର୍ଷ ବିଶ୍ୱଗୁରୁ ହେବାର ସ୍ୱପ୍ନ ବହୁ ଶୀଘ୍ର ବାସ୍ତବରେ ପରିଣତ ହେବାକୁ ଯାଉଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

## ୪୮ଘଂଟା ଭିତରେ ଚାଷୀଙ୍କୁ ବକେୟା ଟଙ୍କା ନମିଳିଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବିଜେପି : କୃଷକମୋର୍ଚ୍ଚା

ଭୁବନେଶ୍ୱର, ୬।୨(ପି.ଏନ): ଓଡିଶାର ଧାନ ମଣ୍ଡି ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଦୋହଲିଯାଇଛି । ଏଠାରେ ମିଲର୍ସଙ୍କ ମନମାନିରେ ମଣ୍ଡି ଚାଲିଛି । ରାଜ୍ୟ ଯୋଗାଣ ବିଭାଗ ତତ୍ୱାବଧାନରେ ମଣ୍ଡି ଚାଲିବାର ବ୍ୟବସ୍ଥା ଥିବାବେଳେ ଓଡିଶାରେ କିନ୍ତୁ ମିଲର୍ଙ୍କ କବ୍‌ଜାରେ ଧାନମଣ୍ଡି । କେନ୍ଦ୍ର ସରକାର କ୍ୱିଂଟାଲ ପିଛା ୨୦୪୦ଟଙ୍କା ଏମ୍‌ଏସ୍‌ପି ସ୍ଥିର କରି ରାଜ୍ୟସରକାରଙ୍କ ମାଧ୍ୟମରେ ଚାଷୀଙ୍କ ଧାନ କିଣାଯିବାର ବ୍ୟବସ୍ଥା କରୁଥିଲେ ମଧ ଯୋଗାଣ ବିଭାଗର ଅପାରଗତା କାରଣରୁ ବିଶେଷ କରି କଟ୍‌ନୀ ଛଟ୍‌ନୀ, ଟାର୍ଗେଟ୍ ଏବଂ ଟୋକନ୍‌ର ଦ୍ୱନ୍ଦାତ୍ମକ ସ୍ଥିତି ଭିତରେ ଚାଷୀ ଫସିଯାଇଛି । ଚାଷୀର ଧାନ ଠିକ୍ ସମୟରେ ବିକ୍ରି ହୋଇପାରୁନାହିଁ ଯଦ୍ୱାରା ଟୋକନ୍ ରଦ୍ଦ ହେଉଛି । ଏ ବର୍ଷ କିନ୍ତୁ ଚାଷୀ ଆଉ ଏକ ସଙ୍ଗୀନ୍ ସ୍ଥିତିର ମୁକାବିଲା କରୁଛି । କାରଣ ରାଜ୍ୟ ସରକାର ଚାଷୀଙ୍କ ଧାନ ବିକ୍ରି ପ୍ରାପ୍ୟ ପୈଠ କରିବାରେ ଏପର୍ଯ୍ୟନ୍ତ ଘୋର ଅବହେଳା କରିଛନ୍ତି । ଅନ୍‌ଲାଇନ ବ୍ୟବସ୍ଥାରେ ଧାନ ବିକ୍ରିର ୨୪ଘଂଟା ଭିତରେ ଚାଷୀଙ୍କ ଆକାଂଉଟ୍‌କୁ ଟଙ୍କା ଆସିବା ବ୍ୟବସ୍ଥା ଥିବାବେଳେ ଅଦ୍ୟାବଧି ଏକମାସ ବ୍ୟବଧାନ ପରେ ମଧ ଚାଷୀଙ୍କ ଆକାଂଉଟ୍‌କୁ ତାଙ୍କର ପ୍ରାପ୍ୟ ପହଁଚି ପାରିଲାନାହିଁ । ଯଦ୍ୱାରା ଚାଷୀ ଘୋର ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହେଉଛି । ଏହାଦ୍ୱାରା ସନ୍ଦେହ ପ୍ରକାଶ ପାଉଛି କି, ଯୋଗାଣ ବିଭାଗ ଯେଉଁ ସମବାୟ ବ୍ୟାଙ୍କ ମାଧ୍ୟମରେ ଟଙ୍କା ନେଣଦେଣ କରୁଛି ସତେ ଯେପରି ଏହି ଟଙ୍କାକୁ ସମବାୟ ବ୍ୟାଙ୍କ ମନିଲଣ୍ଡ୍ରିଂରେ ଲଗାଇଦେଇଥିବା ପରି ସନ୍ଦେହ ମନେ ହେଉଛି । ସ୍ଥାନୀୟ ସ୍ତରରେ ମଣ୍ଡି ଅଧିକାରୀ ଏବଂ ଜିଲ୍ଲା ସ୍ତରରେ ଯୋଗାଣ ଅଧିକାରୀଙ୍କୁ ପଚାରିବାରେ ଟଙ୍କା ନାହିଁ ଟଙ୍କା ଆସିଲେ ଦିଆଯିବ ବୋଲି କହିବା ଅତ୍ୟନ୍ତ ହାସ୍ୟାସ୍ପଦ ଏବଂ ଚାଷୀମାନଙ୍କ ପାଇଁ କଷ୍ଟଦାୟକ ହୋଇଛି ବୋଲି ବିଜେପି କୃଷକ ମୋର୍ଚ୍ଚା ଦାବୀ କରିଛି । ଆଜି ଏହି ମର୍ମରେ ବିଜେପି କୃଷକ ମୋର୍ଚ୍ଚାର ଏକ ଦଶ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକଙ୍କୁ ଭେଟି ଦାବୀ ପତ୍ର ପ୍ରଦାନ ପାଇଁ ଯାଇଥିଲେ କିନ୍ତୁ ପରିତାପର ବିଷୟ ଏହିକି ଯେ ଚାଷୀ ତାର ଧାନ ବିକ୍ରି ପ୍ରାପ୍ୟ ପାଇପାରୁନଥିବା ବେଳେ ବିଭାଗର ଏମ୍‌ଡି ଦୀର୍ଘ ଦିନ ଧରି କେଉଁଆଡେ ଯାଇଛନ୍ତି ତାହା ତାଙ୍କ ଅଧିକାରୀ ମାନେ ବି କହିପାରିଲେନାହିଁ । ଶେଷରେ ବାଧ ହୋଇ ବିଜେପି କୃଷକ ମୋର୍ଚ୍ଚାର ପ୍ରତିନିଧି ମଣ୍ଡଳୀ ଏମ୍‌ଡିଙ୍କ କାର୍ଯ୍ୟାଳୟ କବାଟ ଏବଂ ମୁଖ୍ୟ ଫାଟକରେ ଲଟ୍‌କା ଜାରି କରି ଏମ୍‌ଡି ନିଖୋଜ ଥିବାର ଫଟୋ ମଧ ଲଗାଇଲେ । ଯଦି ଆଗାମୀ ୪୮ଘଂଟା ଭିତରେ ଓଡିଶାର ହଜାର ହଜାର ଚାଷୀଙ୍କର ବକେୟା ଥିବା ଧାନ ବିକ୍ରି ପ୍ରାପ୍ୟକୁ ପ୍ରଦାନ କରାନଯାଏ ତେବେ ଚାଷୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଦଳ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପ୍ରତିନିଧି ମଣ୍ଡଳୀ କହିଛନ୍ତି ।ଏହି ପ୍ରତିନିଧି ମଣ୍ଡଳୀରେ କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀ ହୃଷିକେଶ ଜେନା ଓ ଶ୍ରୀ ଶ୍ରୀରଞ୍ଜନ ମଙ୍ଗରାଜ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ କୁମାର ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଶ୍ମି ରଞ୍ଜନ କାନୁନଗୋ, ରାଜ୍ୟ କୋଷାଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁଙ୍କ ସମେତ ସଂଯୋଜକ ହିତେଶ୍ ମହାପାତ୍ର, ବିକ୍ରମ କେଶରୀ ରାଉତରାୟ ଓ ପ୍ରିୟ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ପାଇଖାନା ମୋ' ଠିକଣା ! କାହାପାଇଁ ଆବାସ ଯୋଜନା ?

ବାଲେଶ୍ୱର,୬।୨(ପି.ଏନ): ବାପା-ମାଆଙ୍କ ଶେଷ ସନ୍ତକ ଝାଟିମାଟିର କୁଡିଆଟି ମାଟିରେ ମିଶିଲା । ଏବେ ସ୍ୱଚ୍ଛ ଭାରତର ପାଇଖାନା ପାଲଟିଛି ନୂଆ ଠିକଣା ! ଯେଉଁଠି ଦିନେ ଶୌଚ ହେଉଥିଲେ, ଏବେ ସେଠାରେ ମୁଣ୍ଡ ଗୁଞ୍ଜିଛନ୍ତି ୪୫ ବର୍ଷୀୟା ଅସହାୟ ମହିଳା ସତ୍ୟଭାମା ନାୟକ । ତାହାହେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାହା ପାଇଁ ବୋଲି ପ୍ରଶ୍ନ କରିଛନ୍ତି ସତ୍ୟଭାମା ? ଏପରି ଦୟନୀୟ ଚିତ୍ର ଆସିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଞ୍ଚଳରୁ ।ପିଠାହଟା ପଞ୍ଚାୟତ ଦରଖୋଳି ଗାଁର କୁଶ ନାୟକ । ପରିବାର କହିଲେ ପତ୍ନୀ ଓ ଦୁଇ ଝିଅ । ଘର ଡିହ ଖଣ୍ଡକୁ



ଛାଡିଦେଲେ ଜମିବାଡି କିଛି ନାହିଁ । ଝାଟିମାଟିର କୁଡିଆରେ ଛୋଟ ପରିବାରକୁ ନେଇ ରହୁଥିଲେ କୁଶ । କାମଦାମ କରି ପରିବାର ଚଳାନ୍ତି । ନିଜର ସ୍ୱଳ୍ପ ରୋଜଗାରରେ ଦୁଃଖେ କଷ୍ଟେ ବଡ ଝିଅକୁ ବାହା କରାଇଦେଲେ । ସାନ ଝିଅ ସତ୍ୟଭାମା ଘରେ ରହୁଥିଲେ । ମଝିରେ ମଝିରେ ସେ ମଧ କାମ କରିବାକୁ ଯାଉଥିଲା ।

## ମାଫିଆଙ୍କ ଦୌରାତ୍ମ୍ୟ, ଲୋପ ପାଉଛି ଜଙ୍ଗଲ

ଘଟଗାଁ, ୬।୨(ପି.ଏନ): କେନ୍ଦୁଝର ଜିଲ୍ଲା ସଦର ଉପଖଣ୍ଡ ଅନ୍ତର୍ଗତ ଘଟଗାଁ, ହରିଚନ୍ଦନପୁର, ପାଟଣା, ସଦର, ସାହାରପଡା, ବାଂଶପାଳ ଏବଂ ତେଲକୋଇ ଜଙ୍ଗଲ ବିଭାଗର କେତେକ ଅସାଧୁ କର୍ମଚାରୀଙ୍କ ନିଷ୍କ୍ରିୟତା ଓ ଲାଭଖୋର ନୀତି ଯୋଗୁଁ ଜଙ୍ଗଲ ମାଫିଆମାନଙ୍କ ଦ୍ୱାରା ଦୈନିକ ସଂରକ୍ଷଣ ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲରୁ ବର୍ଷ ବର୍ଷ ଧରି ବ୍ୟାପକ ଜଙ୍ଗଲ କଟା ଚାଲିଥିବା ଫଳରେ ଏହା ଏକ ମରୁଭୂମିରେ ପରିଣତ ହୋଇଯିବାର ଆଶଙ୍କା ରହିଛି ବୋଲି ଜନସାଧାରଣ ଓ ପରିବେଶ ବିଜ୍ଞାନୀ ତଥା ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି । ଜଙ୍ଗଲ ସୁରକ୍ଷା ଆଇନର ଭୂଲ ନୀତି ଯୋଗୁଁ ଉପରୋକ୍ତ ବ୍ଲକସ୍ଥିତ ଜଙ୍ଗଲରେ ବର୍ଷବର୍ଷ ଧରି ଗଛ କଟା ଯାଉଛି । ଯଦି ଜଙ୍ଗଲ ମାଫିଆମାନଙ୍କୁ ଆଇନ ଅନୁଯାୟୀ ଧରାଯାଉଛି ତେବେ ଏହି ଆଇନ ବଳରେ ଆସାମୀମାନେ ଅତିଶିଘ୍ର ଜାମିନ ପାଇ ଯାଉଛନ୍ତି । ଫଳରେ ସେମାନେ ପୁନର୍ବାର ଜଙ୍ଗଲରୁ ଗଛ କାଟି ଟ୍ରିପ ଟ୍ରିପ କାଠ ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି । ଯଦି ଏ ଦିଗରେ କୌଣସି ପଦକ୍ଷେପ ନିଆନଯାଏ ତେବେ ମାଫିଆମାନଙ୍କ ଉତ୍ପାତ ଦିନକୁ ଦିନ ବୃଦ୍ଧି ପାଇ ଧିରେ ଧିରେ ଜିଲ୍ଲାର ସମସ୍ତ ଜଙ୍ଗଲ ଲୋପ ପାଇଯିବାର ଆଶଙ୍କା ରହିଥିବା ପରିବେଶବିତ ମାନେ ମତ ପ୍ରକାଶ କରିଛନ୍ତି । ମାଫିଆମାନେ ବ୍ୟାପକ ଭାବେ ଜଙ୍ଗଲରୁ ଗଛ କାଟି ଚାଲିଥିବା ବେଳେ ଧରାପଡିଲେ ସେମାନେ ସହଜରେ କୋର୍ଟରୁ ଜାମିନ ପାଇ ପୁନର୍ବାର ଜଙ୍ଗଲରୁ ଗଛକଟା ଜାରି ରଖିଥିବାର ଅଭିଯୋଗ ହୋଇଛି ।ଅନୁସନ୍ଧାନରୁ ଜଣାପଡିଛି ଯେ, ଘଟଗାଁ, ହରିଚନ୍ଦନପୁର ବାଂଶପାଳ, ତେଲକୋଇ ବ୍ଲକ ଗୁଡିକ ଆଦିବାସୀ ଅଧୁଷିତ ବଣ ପାହାଡ ପର୍ବତ ଜଙ୍ଗଲବେଷ୍ଟିତ ଅଂଚଳ । ଉଭୟ ବ୍ଲକମାନଙ୍କରେ ପ୍ରାୟ ୧୫ରୁ ୨୫ ହଜାର ହେକ୍ଟର ଜଙ୍ଗଲ । ଏହି ଜଙ୍ଗଲ ସୁରକ୍ଷା ନିମନ୍ତେ ଆବଶ୍ୟକୀୟ ଜଙ୍ଗଲ କର୍ମଚାରୀ ଯଥା ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାର୍ଡ ଅଭାବ ଯୋଗୁଁ ଜଙ୍ଗଲରୁ ଗଛକଟା ଚୋରା ଚାଲାଣ ରୋକା ଯାଇପାରୁନଥିବା ବେଳେ କେତେକ ବିଭାଗୀୟ କର୍ତ୍ତୁପକ୍ଷଙ୍କ ହାତରେ ଧରାପଡି ଗିରଫ ହେଉଥିଲେ ହେଁ ରାଜନୈତିକ ଚାପରେ କେତେକ ଖଲାସ ହୋଇଯାଉଥିବା ବେଳେ କେତେକ କୋର୍ଟରୁ ଖଲାସ ହେଉଛନ୍ତି । ଗତ ୫ ବର୍ଷ ମଧ୍ୟରେ ଘଟଗାଁ ରେଞ୍ଜ, ହରିଚନ୍ଦନପୁର ବ୍ରାହ୍ମଣୀପାଳ ରେଞ୍ଜରେ ବଣ ସଂରକ୍ଷିତ ଜଙ୍ଗଲ ଓ ତେଲକୋଇ ବାଂଶପାଳ ସଂରକ୍ଷିତ ଜଙ୍ଗଲ, ଘଟଗାଁ ଅଟେଇ ସଂରକ୍ଷିତ ଜଙ୍ଗଲରୁ ପ୍ରାୟ ୨୫-୩୦ ହଜାର ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲ ମାଫିଆମାନଙ୍କ ଦ୍ୱାରା ନଷ୍ଟ ହେଲାଣି । ଅନ୍ୟପକ୍ଷରେ ଦିନରାତି ଜଙ୍ଗଲଜାତ ଔଷଧୀୟ ବୃକ୍ଷ ଓ ଖଣିଜ ପଦାର୍ଥ ଚୋରି ଚାଲିଛି । ଏହାକୁ ରୋକିବାକୁ ଯାଇ ଜାଳ କାଠୁରିଆମାନଙ୍କୁ ଧରିଆଣି ଜୋରିମାନା କାଟିବାରେ ବନ କର୍ମଚାରୀମାନେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଛି । ଏଣୁ ଜିଲ୍ଲାପାଳ ଜଙ୍ଗଲ ବିଭାଗ ଅଧିକାରୀ(ଡିଏଫଓ) ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ସିସୋର ମାମଲାରେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କୁ ଝଟକା

ଭୁବନେଶ୍ୱର, ୬।୨(ପି.ଏନ): ସିସୋର ଚିଟଫଣ୍ଡ ଠକେଇ ମାମଲା ନେଇ ବାଲେଶ୍ୱରର ପୂର୍ବତନ ସାଂସଦ ରବିନ୍ଦ୍ର ଜେନାଙ୍କୁ ହାଇକୋର୍ଟଙ୍କ ପକ୍ଷରୁ ଝଟକା ଲାଗିଛି । ରବୀନ୍ଦ୍ର ଜେନାଙ୍କ ବିରୋଧରେ ସିସୋର ଚିଟଫଣ୍ଡ ଠକେଇ ନେଇ ହୋଇଥିବା ମାମଲା ରଦ୍ଦ କରିବା ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଉଭୟ ପକ୍ଷଙ୍କୁ ଶୁଣିବା ପରେ କୋର୍ଟ ରବିନ୍ଦ୍ର ଜେନାଙ୍କ ଆବେଦନକୁ ଖାରଜ କରିଛନ୍ତି । ମସିସୋର ଚିଟଫଣ୍ଡ ସଂସ୍ଥା ଠାରୁ ପଇସା ନେଇ ସଂସ୍ଥା ମାଲିକଙ୍କୁ ରାଜନୈତିକ ସୁରକ୍ଷା ରବିନ୍ଦ୍ର ଜେନା ଦେଉଥିଲେ ବୋଲି ସିବିଆଇ ପକ୍ଷରୁ କୋର୍ଟରେ ଯୁକ୍ତି ଉପସ୍ଥାପନ କରାଯାଇଥିଲା । ପୂର୍ବରୁ ରବିନ୍ଦ୍ର ଜେନାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରାଯାଇଥିଲା । ଭୁବନେଶ୍ୱର ନିମ୍ନ ଅଦାଲତରେ ତାଙ୍କ ବିରୋଧରେ ହୋଇଥିବା ମାମଲା ବିଚାରଧୀନ ଥିଲା । ସିବିଆଇ ପକ୍ଷରୁ ଦିଆଯାଇଥିବା ଚାର୍ଜସିଟ ଓ ଏଫଆଇଆରକୁ ରଦ୍ଦ କରିବା ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ ରବିନ୍ଦ୍ର ଜେନା । ବିଚାରପତି ଜଷ୍ଟିସ ବିପି ରାଉତରାୟଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣୀ କରି ରବିନ୍ଦ୍ର ଜେନାଙ୍କ ଆବେଦନକୁ ଖାରଜ କରିଛନ୍ତି । ସିବିଆଇ ପକ୍ଷରୁ ଆଇନଜୀବୀ ସାର୍ଥକ ନାୟକ ମାମଲା ପରିଚାଳନା କରୁଥିବା ବେଳେ ରବିନ୍ଦ୍ର ଜେନାଙ୍କ ପକ୍ଷରୁ ଅମନ ଲେଖି, ପ୍ରଣୟ ଦାସ ଓ ଗୌରବ ଖନ୍ନା ମାମଲା ପରିଚାଳନା କରୁଥିଲେ ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୬ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

-ପ୍ରକାଶକ






# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଭ୍‌କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ର ନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙକ ନିକଟୁ ସାହାଯ୍ୟ ପଥଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିରେ ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## 'କର୍ଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।






## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାଚିଲା ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାଚିଲା ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# ଅନ୍ତର୍ଜାତୀୟ ନିୟୁକ୍ଲିଅର ପରୀକ୍ଷଣ ନିରୋଧ ଦିବସ



୨୦୦୯ ମସିହା ଡିସେମ୍ବର ୨ ତାରିଖ ଦିନ ଜାତିସଂଘର ୬୪ତମ ସାଧାରଣ ପରିଷଦ ବୈଠକରେ ସଂକଳ୍ପ ସଂଖ୍ୟା ୬୪/୩୫ରେ ପ୍ରତ୍ୟେକ ବର୍ଷ ଅଗଷ୍ଟ ୨୯ ତାରିଖ ଦିନକୁ ଅନ୍ତର୍ଜାତୀୟ ନିୟୁକ୍ଲିଅର ପରୀକ୍ଷଣ ନିରୋଧ ଦିବସ ରୂପେ ପାଳିତ ହେବାର ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ପୃଥିବୀରେ ନିୟୁକ୍ଲିଅର ଅସ୍ତ୍ରଶସ୍ତ୍ର ପରୀକ୍ଷଣ ବିସ୍ଫୋରଣ, ମନୁଷ୍ୟ ସମାଜ ତଥା ପରିବେଶ ଉପରେ ପକାଉଥିବା ଭୟଙ୍କର କୁପ୍ରଭାବକୁ ପ୍ରତିହିତ କରିବା ଉଦ୍ଦେଶ୍ୟରେ, ଅନେକ ସମର୍ଥକଙ୍କ ସହିତ କାଜାଗସ୍ଥାନ, ୧୯୯୧ ମସିହା ଅଗଷ୍ଟ ୨୯ ତାରିଖରେ ହୋଇଥିବା ସର୍ବଶେଷ ନିୟୁକ୍ଲିଅର




ଅସ୍ତ୍ରଶସ୍ତ୍ର ପରୀକ୍ଷଣର ସ୍ମାରକୀ ରୂପେ ଏହି ଦିବସଟିକୁ ଅନ୍ତର୍ଜାତୀୟ ନିୟୁକ୍ଲିଅର ପରୀକ୍ଷଣ ନିରୋଧ ଦିବସରୁପେ ପାଳନ କରିବାକୁ ପ୍ରସ୍ତାବ ରଖିଥିଲା। ଶାନ୍ତି ଓ ନିରାପତା ନିମନ୍ତେ ଏକ ନିୟୁକ୍ଲିଅର ଅସ୍ତ୍ରଶସ୍ତ୍ରବିହୀନ ବିଶ୍ୱର ପରିକଳ୍ପନାରେ, ନିୟୁକ୍ଲିଅର ଅସ୍ତ୍ରଶସ୍ତ୍ର ଅଧିକାରୀ ଏବଂ ଅନ୍ୟାନ୍ୟ ରାଷ୍ଟ୍ରମାନେ ଏହି ଚୁକ୍ତିରେ ସମ୍ମତି ପ୍ରଦାନ କରିଥିଲେ। ଇୟୁନାଇଟେଡ ଷ୍ଟେଟର ନିଉ ମେକ୍ସିକୋ ଠାରେ ୧୯୪୫ ମସିହା ଜୁଲାଇ ୧୬ ତାରିଖରେ ହୋଇଥିବା ପ୍ରଥମ ତ୍ରିନିଟ୍ ପରୀକ୍ଷଣଠାରୁ ଆରମ୍ଭ କରି ଅଦ୍ୟାବଧି ୨୦୦୦ରୁ ଅଧିକ ନିୟୁକ୍ଲିଅର ପରୀକ୍ଷଣ ସଙ୍ଗଠିତ ହୋଇଯାଇଛି। ଇୟୁନାଇଟେଡ ଷ୍ଟେଟର ପରୀକ୍ଷଣ ପରେ ୧୯୪୯ରେ ସୋଭିଏତ ୟୁନିୟନ, ୧୯୫୨ରେ ୟୁନାଇଟେଡ କିଙ୍ଗଡମ୍, ୧୯୬୦ରେ ଫ୍ରାନ୍ସ ଏବଂ ୧୯୬୪ରେ ଚାଇନାର ପରୀକ୍ଷଣ ହୋଇଅଛି। ଏହା ପୃଥିବୀପୃଷ୍ଠ, ଭୂତଳ, ଜଳର ନିମ୍ନ ଭାଗରେ ଏବଂ ରକେଟ ଦ୍ୱାରା କ୍ଷେପଣ ଇତ୍ୟାଦି ବହୁତ ପ୍ରକ୍ରିୟାରେ ପରୀକ୍ଷଣ କରାଯାଏ। ନ୍ୟାସନାଲ ରିସୋରସେସ ଡିଫେନ୍ସ କାଉନସିଲ ଦ୍ୱାରା ଏକ ଆକଳନରୁ ଜଣାଯାଏ ଯେ, ୧୯୪୫ରୁ ୧୯୮୦ ମଧ୍ୟରେ ନିୟୁକ୍ଲିଅର ପରୀକ୍ଷଣର ପରିମାଣ ୫୧୦ ମେଗାଟନ ଏବଂ କେବଳ ପୃଥିବୀପୃଷ୍ଠରେ ପରୀକ୍ଷଣର ପରିମାଣ ୪୨୮ ମେଗାଟନ, ଯାହାକି ହିରୋସୀମାରେ ବ୍ୟବହୃତ ବୋମାର ୨୯୦୦୦ ଗୁଣ ସମାନ। ୧୯୫୦ ପୂର୍ବରୁ ନିୟୁକ୍ଲିଅର ପରୀକ୍ଷଣରୁ ନିର୍ଗତ ତେଜଷ୍କ୍ରିୟ ବିକିରଣର ସ୍ୱାସ୍ଥ୍ୟ ଉପରେ ପକାଉଥିବା କୁପ୍ରଭାବ ଉପରେ, ଏତେଟା ଗୁରୁତ୍ୱ ଆରୋପ କରାଯାଇ ନ ଥିଲା। କିନ୍ତୁ ପରେପରେ ଏହାର କୁପ୍ରଭାବ ସମ୍ବନ୍ଧରେ ଅଧିକ ତଥ୍ୟ ଉନ୍ମୋଚିତ ହେଲା ଏବଂ ଜନସାଧାରଣଙ୍କ ପ୍ରବଳ ବିରୋଧ ଯୋଗୁ ୧୯୬୩ରେ ପାର୍ସିଆଲ ଟେଷ୍ଟ ବ୍ୟାନ ଟ୍ରିଏଟି (ପିଟିବିଟି) ଜଳ ଅଭ୍ୟନ୍ତର ଏବଂ ଭୂପୃଷ୍ଠରେ ଏହାର ପରୀକ୍ଷଣ ଉପରେ ରୋକ୍ ଲଗାଇଲା, ଯେଉଁଥିରେ ଇୟୁନାଇଟେଡ ଷ୍ଟେଟ, ସୋଭିଏତ ୟୁନିୟନ, ୟୁନାଇଟେଡ କିଙ୍ଗଡମ ଏଥିରେ ସହମତି ପ୍ରକାଶ କରିଥିଲେ। କିନ୍ତୁ ଫ୍ରାନ୍ସ ଏବଂ ଚାଇନା ଏହି ଚୁକ୍ତିରେ ସାମିଲ ନହୋଇ ଯଥାକ୍ରମେ ୧୯୭୪ ଏବଂ ୧୯୮୦ ପର୍ଯ୍ୟନ୍ତ ପରୀକ୍ଷଣ ଜାରୀ ରଖିଥିଲେ। ୨୦୦୦ ମସିହାରେ ଜାତିସଂଘ ବିଜ୍ଞାନ ସମିତି, ଜାତିସଂଘ ସାଧାରଣ ପରିଷଦକୁ, ଆଣବିକ ତେଜଷ୍କ୍ରିୟ ବିକିରଣର କୁପ୍ରଭାବ ସମ୍ବନ୍ଧରେ ପ୍ରଦତ ତଥ୍ୟ ଅନୁଯାୟୀ, ଏହା ଚକ୍ଷୁ ଓ ଚର୍ମ ସହିତ ଶରୀର ଅଭ୍ୟନ୍ତର ଇନ୍ଦ୍ରିୟମାନଙ୍କର ମଧ୍ୟ ପ୍ରଭୂତ କ୍ଷତିସାଧନ କରିଥାଏ। ଏହା ଶରୀରସ୍ଥ ଜୀବନ୍ତ ଜୀବକୋଷଗୁଡିକୁ ନଷ୍ଟ କରିଦେଇଥାଏ, ଯାହାଫଳରେ କ୍ୟାନସର ପରି ଦୁରାରୋଗ୍ୟ ସୃଷ୍ଟି ହେବାର ପ୍ରଧାନ କାରଣ। ମାତୃବକ୍ଷର କ୍ଷୀର ଏବଂ ଶିଶୁମାନଙ୍କର ଦନ୍ତ ଉପରେ ମଧ୍ୟ ଏହାର କୁପ୍ରଭାବ ପରିଲକ୍ଷିତ। ବିକିରଣ ଦ୍ୱାରା ପ୍ରଭାବିତ ହୋଇଥିବା ବୃକ୍ଷଲତାକୁ, ଆହାର ରୂପେ ଗ୍ରହଣ କରୁଥିବା ପଶୁମାନଙ୍କର କ୍ଷୀର ଏବଂ ମାଂସ ମଧ୍ୟ ମନୁଷ୍ୟ ଶରୀରର କ୍ଷତିସାଧନ କରିଥାଏ। ଶ୍ୱେତ କଣିକା ବୃଦ୍ଧି, ଗଳଗ୍ରନ୍ଥୀ, ଫୁସଫୁସ ଏବଂ ସ୍ତନ କର୍କଟ ଏହାର ମୁଖ୍ୟ କାରଣ। ୧୯୯୧ ମସିହାରେ ଇଂଟରନ୍ୟାସନାଲ ଫିଜିକସିଆନ ଫର ଦ ପ୍ରିଭେନସନ ଅଫ ନିଉକ୍ଲିଅର ଓାର୍ ଦ୍ୱାରା ଏକ ସର୍ବେକ୍ଷଣର ତଥ୍ୟ ଅନୁସାରେ ୨୦୦୦ ମସିହା ସୁଦ୍ଧା ୪୩୦,୦୦୦ ଜଣ ବ୍ୟକ୍ତି ବିକିରଣ ପ୍ରଭାବରେ କ୍ୟାନସରଜନିତ ମୃତ୍ୟୁମୁଖରେ ପଡିଛନ୍ତି। ବିକିରଣର କୁପ୍ରଭାବରେ କେବଳ ମନୁଷ୍ୟ ନୁହେଁ, ସ୍ତନ୍ୟପାୟୀ ପ୍ରାଣୀମାନଙ୍କର ପ୍ରଜନନ କ୍ଷମତା ମଧ୍ୟ ବାଧାପ୍ରାପ୍ତ ହୁଏ ଏବଂ କେତେକ ପ୍ରଜାତିର ବୃକ୍ଷ ମଧ୍ୟ ସିଧାସଳଖ ଭାବେ ପ୍ରଭାବିତ ହୁଅନ୍ତି। ନିଉକ୍ଲିଅର ଯୁଗ ଆରମ୍ଭରୁ, ଏହାର କ୍ଷତିକାରକ ପ୍ରଭାବ ବିଷୟରେ ଅବଗତ ହେବାପରେ ଜନସାଧାରଣଙ୍କ ପ୍ରବଳ ପ୍ରତିରୋଧରୁ ୧୯୯୬ରେ ଗଠିତ ହେଲା କମ୍ପ୍ରେହେନସିଭ ନିଉକ୍ଲିଅର ଟେଷ୍ଟ ବ୍ୟାନ ଟ୍ରିଏଟି। ପଦାର୍ଥ ବିଜ୍ଞାନୀ, ଭୂମିକମ୍ପ ବିଜ୍ଞାନୀ ଓ ଅନ୍ୟାନ୍ୟ ବୈଜ୍ଞାନିକ, ଡାକ୍ତର, ଓକିଲ, ବିଭିନ୍ନ ମହିଳା ସ୍ୱେଚ୍ଛାସେବୀ ସଙ୍ଗଠନ, ବିଭିନ୍ନ ଗବେଷଣାତ୍ମକ ଅନୁଷ୍ଠାନ, ଯୁଦ୍ଧବିରତି ଓ ବିଶ୍ୱଶାନ୍ତି ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଙ୍ଗଠନ ତଥା ହିରୋସୀମା ନାଗାସାକୀ ବିସ୍ଫୋରଣରୁ ବଂଚି ଯାଇଥିବା ବ୍ୟକ୍ତିମାନଙ୍କର, ବିକିରଣ ଦ୍ୱାରା ସୃଷ୍ଟ ଭୟାନକ ବିସ୍ଫୋରକ ତଥ୍ୟ, ହତଚକିତ କରିଦେଲା ମାନବ ସମାଜକୁ। ନିଉକ୍ଲିଅର ଟେଷ୍ଟ ଜାରୀ ରହିଲେ ଏ ପୃଥିବୀପୃଷ୍ଠରୁ ମାନବ ସମାଜ ଲୋପ ପାଇଯିବା ସୁନିଶ୍ଚିତ।

ଏହି ପରିପ୍ରେକ୍ଷୀରେ ଆଜିର ଦିବସରେ, ପୃଥିବୀର ସମସ୍ତ ଜନସାଧାରଣ ତଥା ସମସ୍ତ ବର୍ଗର ବ୍ୟକ୍ତି, ଏ ପୃଥିବୀକୁ ଧ୍ୱଂସମୁଖରୁ ରକ୍ଷାକରି, ନିଜେ ଶାନ୍ତିରେ ଅବସ୍ଥାନ କରିବା ନିମନ୍ତେ, ନିଉକ୍ଲିଅର ଟେଷ୍ଟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ, ଏକସ୍ୱରରେ ଦୃଢ ପ୍ରତିବାଦ କରିବାକୁ ଶପଥ ନେବାର ଆବଶ୍ୟକତା ଅତ୍ୟନ୍ତ ଜରୁରୀ।

**—ପ୍ରଦୀପ୍ତ ଆଚାର୍ଯ୍ୟ**
*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,*
*ଈଶାଣୀବ୍ରହ୍ମପୁର, କଟକ।*
*ମୋ-୬୩୭୧୫୯୩୨୨୦*

# ନୃତ୍ୟ ମୁଦ୍ରାରେ ଗଣେଶ

ଡ. ପ୍ରତିଭା ମହାରଥୀ

ଜଣେ ଶ୍ରେଷ୍ଠ ଶିବଭକ୍ତ ହିସାବରେ ଲଙ୍କପତି ରାବଣଙ୍କୁ କିଏ ବା ନ ଜାଣେ। ସ୍ୱରଚିତ ଶିବତାଣ୍ଡବ ବୋଲି ବୋଲି ଶିବଲିଙ୍ଗ ନିକଟରେ ଭକ୍ତିରେ ବିଭୋର ହୋଇ ପୂଜା କଲାବେଳେ ସ୍ୱୟଂ ଶିବ ଅନେକ ଥର ତା' ସମ୍ମୁଖରେ ଆବିର୍ଭୁତ ହୋଇ ତାକୁ ଅନେକ ବର ପ୍ରଦାନ କରିଥାଆନ୍ତି।

ସେହିପରି ଦିନକର କଥା। ରାବଣର ଆରାଧନାରେ ସନ୍ତୁଷ୍ଟ ହୋଇ ଶିବ ଆବିର୍ଭୁତ ହୁଅନ୍ତେ ରାକ୍ଷସରାଜ ରାବଣ ତାଙ୍କୁ ଏକ ଅଦ୍ଭୁତ ବର ଯାଚନା କରିଥିଲେ। ରାବଣ କହିଲେ, "ହେ ଭୂତଶ୍ରେଷ୍ଠ, ଆପଣ ଯଦି ମୋତେ ବର ଦେବାକୁ ଇଚ୍ଛା କରିଛନ୍ତି, ତେବେ ଦୟାକରି ମାତା ପାର୍ବତୀଙ୍କ ସହିତ ମୋର ସୁବର୍ଣ୍ଣମୟୀ ଲଙ୍କାପୁରୀରେ ଅବସ୍ଥାନ କରନ୍ତୁ। ଫଳରେ ଆପଣଙ୍କ ଦର୍ଶନର ସୁଯୋଗ ପ୍ରତିଦିନ ମୋତେ ପ୍ରାପ୍ତି ହେବ। ଏହାଠାରୁ ବଳି ବଡ଼ ଆଶୀର୍ବାଦ ଆଉ କଣ ଥାଇପାରେ!" ଏଥିରେ ଶିବ କିନ୍ତୁ ଅରାଜି ହୋଇ ଅନ୍ୟକିଛି 'ବର' ମାଗିବାକୁ ରାବଣକୁ ପରାମର୍ଶ ଦେଲେ। ରାବଣ କିନ୍ତୁ ନିଜ ଜିଦ୍‌ରେ ଅଟଳ ରହି କହିଲା, "ପ୍ରଭୁ ମୁଁ ସୁରାସୁରଙ୍କ ଅଜେୟ। ତ୍ରିପୁର ବିଜୟ କରି ସମସ୍ତ ଧନସମ୍ପଦ ଠୁଳ କରିଛି। କାମିନୀ, କାଞ୍ଚନ, ଧନରତ୍ନ, ଗଜ, ଅଶ୍ୱ, ରଥ, ଶକ୍ତି, ଐଶ୍ୱର୍ଯ୍ୟ, ବିଭବ ସବୁ କିଛି ଆୟତ୍ତ କରିଛି। କେବଳ ଆପଣଙ୍କ ଅନୁପସ୍ଥିତ ହିଁ ମୋତେ ବ୍ୟଥିତ କରୁଛି। ନିତି ଆପଣଙ୍କ ଦର୍ଶନ କରି, ପଦବନ୍ଦନା କରିପାରିଲେ ଏ ମୂଢ଼ ପାମରର ଜୀବନ ଧନ୍ୟ ହେବ।" ରାବଣର ପ୍ରିୟ ବାକ୍ୟରେ ସନ୍ତୁଷ୍ଟ ହୋଇ ଆଶୁତୋଷ ନିଜ ହୃଦୟ ଭିତରୁ ଜ୍ୟୋତିଃଲିଙ୍ଗ କାଢ଼ି ରାବଣକୁ ପ୍ରଦାନ କଲେ ଏବଂ କହିଲେ, "ବତ୍ସ! ଏହା ଆତ୍ମଲିଙ୍ଗ। ଏହାକୁ ନେଇ ଦକ୍ଷିଣାଭିମୁଖୀ ହୁଅ ଓ ଲଙ୍କାରେ ସ୍ଥାପନା କର। ଏହାକୁ ଦର୍ଶନ କରି ମୋର ଅର୍ଦ୍ଧନାରୀଶ୍ୱର ରୂପ ଦର୍ଶନ କରିବାର ସୌଭାଗ୍ୟ ଲାଭକର। କିନ୍ତୁ ସାବଧାନ! ଯାତ୍ରା ସମୟରେ ଏହାକୁ ପଥ ମଧରେ କୌଣସି ସ୍ଥାନରେ ଥରେ ତଳେ ରଖିଦେଲେ ପୁନଶ୍ଚ ଉଠାଇ ମୁଣ୍ଡାଇବାକୁ ସମର୍ଥ ହେବନାହିଁ।" ରାବଣ ଆନନ୍ଦରେ ଗଦ୍‌ଗଦ୍ ହୋଇ ଶିବଙ୍କୁ ପ୍ରଣାମ କରି ଆତ୍ମଲିଙ୍ଗକୁ ମୁଣ୍ଡରେ ମୁଣ୍ଡାଇ ଲଙ୍କା ଅଭିମୁଖେ ଯାତ୍ରା କଲା। କିନ୍ତୁ ଏପଟେ ଦେବତାମାନଙ୍କର ଚିନ୍ତା ବଢ଼ିବାକୁ ଲାଗିଲା। ପରମେଶ୍ୱର ଶିବଙ୍କ



ଉପସ୍ଥିତିରେ ଲଙ୍କା ଧ୍ୱଂସ ସାଧନ ସମ୍ଭବ ନୁହେଁ। ସେଥିପାଇଁ ଯେକୌଣସି ଉପାୟରେ ରାବଣର ଏହି ଯାତ୍ରାରେ ବିଘ୍ନ ଆଣିବାକୁ ହେବ। ତପସ୍ୱୀ ରାବଣ ବ୍ରହ୍ମତେଜା ଅଟନ୍ତି। ତାଙ୍କର କୌଣସି ଦୁର୍ବଳତା ନାହିଁ। କେବଳ ସେ ଜଣେ ଉତ୍ତମ ସଙ୍ଗୀତଜ୍ଞ ହୋଇଥିବାରୁ ଗୀତ, ବାଦ୍ୟ, ନୃତ୍ୟ, ସଙ୍ଗୀତ ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ରହିଛି। ତାଙ୍କ ସମ୍ମୁଖରେ ଯଦି କେହି ନୃତ୍ୟ



କରେ, ତେବେ ସେ ବିହ୍ୱଳ ହୋଇ ଶିବଙ୍କ ସତର୍କବାଣୀ ଭୁଲି ଯାଇ ଆତ୍ମଲିଙ୍ଗକୁ ତଳେ ଥୋଇଦେବେ। ନୃତ୍ୟ-ବିଶାରଦ ଶିବଙ୍କୁ ବାଦ୍‌ଦେଲେ କେବଳ ଶ୍ରୀଗଣେଶ ହିଁ ନଟଶ୍ରେଷ୍ଠ। ତେଣୁ ସମସ୍ତ ଦେବଗଣ ଜାନୁପାତି, କରଯୋଡ଼ି ଶ୍ରୀଗଣେଶଙ୍କୁ ଆରାଧନା କଲେ। ଶ୍ରୀଗଣେଶ ଆବିର୍ଭୁତ ହୁଅନ୍ତେ, ଦେବଗଣ ତାଙ୍କୁ ସବୁ କଥା ବୁଝାଇ କହିଲେ। ଶ୍ରୀଗଣେଶ ରାବଣଙ୍କୁ ପଦଚ୍ୟୁତ କରିବାର ଦାୟିତ୍ୱ ବହନ କରି ଦକ୍ଷିଣ ସମୁଦ୍ର ତଟରେ ପହଞ୍ଚିଗଲେ। ସମ୍ମୁଖରେ ନୃତ୍ୟ-ମୁଦ୍ରାରେ ଶ୍ରୀଗଣେଶ ଠାକୁରଙ୍କୁ ଦେଖି ରାବଣ ବିଭୋର ହୋଇ ଗଣେଶଙ୍କ ସ୍ତୁତି ଗାନ କରିବାକୁ ଲାଗିଲା। ରାବଣ, ଏହି ସମୟରେ ଶିବଙ୍କ ସତର୍କବାଣୀକୁ ଭୁଲି ଆତ୍ମଲିଙ୍ଗକୁ ସମୁଦ୍ର ବେଳାରେ ଥୋଇଦେଇ କୋଡ଼ିଏଟି ହାତରେ ତାଳି ମାରି ଫୁଟ୍‌କି ବଜାଇ ଜାନୁପିଟି ଉନ୍ମତ୍ତ ପ୍ରାୟ ନୃତ୍ୟ କରିବାକୁ ଲାଗିଲା। ନୃତ୍ୟ ଗୀତ ଶେଷ କରି ଗଣେଶଙ୍କୁ ପ୍ରଣାମ କରି ଶିବପ୍ରଦତ୍ତ ଆତ୍ମଲିଙ୍ଗକୁ ତଳୁ ଉଠାଇବାକୁ ବାରମ୍ବାର ଚେଷ୍ଟା କରି ମଧ ବିଫଳ ହେଲା। ଏହା ଏତେ ଭାରି ହୋଇଗଲା ଯେ ମହାପରାକ୍ରମୀ ବଳଶାଳୀ ରାବଣ ମଧ ଏହାକୁ ହଲାଇ ପାରିଲା ନାହିଁ। ନିରାଶ ହୋଇ ରାବଣ ଦୁଃଖରେ ଲଙ୍କା ଫେରିଗଲା। ଏହି ଉପାୟରେ ଦେବତାମାନଙ୍କ ଉପକାର କରି ପ୍ରଭୁ ଗଣେଶ ସେମାନଙ୍କର ବିଘ୍ନ ବିନାଶ କରିଥିଲେ। ସବୁ ଦେବଦେବୀ ସମବେତ ହୋଇ ଆନନ୍ଦରେ ମହାବିନାୟକଙ୍କ ବନ୍ଦନା ଗାଇଉଠିଲେ। ସଙ୍ଗୀତ ଓ ନୃତ୍ୟର ଚମତ୍କାରିତାକୁ ସମସ୍ତେ ସମସ୍ୱରରେ ସ୍ୱୀକାର କଲେ।

ପୂର୍ବକାଳରେ ସ୍ୱୟଂ ମହାଦେବ ଗଣେଶଙ୍କୁ ପୂଜାକରି ତ୍ରିପୁରାସୁରକୁ ବଧ କରିଥିଲେ। ଇନ୍ଦ୍ର ଏହି ପୂଜା ବଳରେ ବୃତ୍ତାସୁରର ବଧ କରିଥିଲେ। ଅହଲ୍ୟା ନିଜର ସ୍ୱାମୀଙ୍କୁ ଫେରି ପାଇଥିଲେ। ଦମୟନ୍ତୀ ନଳକୁ ପାଇଥିଲେ। ଶ୍ରୀରାମଚନ୍ଦ୍ର ମାତା ସୀତାଙ୍କୁ ପାଇଥିଲେ। ହନୁମାନ ସୀତାଠାବ କରି ପାରିଥିଲେ। ଭଗୀରଥ ଗଙ୍ଗାକୁ ଧରାବତରଣ କରାଇ ପାରିଥିଲେ। ଗରୁଡ଼ ଅମୃତହରଣ କରିଥିଲେ। ଶ୍ରୀକୃଷ୍ଣ ରକ୍ମିଣୀଙ୍କୁ ପାଇଥିଲେ ଏବଂ ଶାମ୍ବ କୁଷ୍ଠରୋଗରୁ ମୁକ୍ତ ହୋଇଥିଲେ। ଯୁଧିଷ୍ଠିର ରାଜ୍ୟ ପାଇଥିଲେ। ଆସନ୍ତୁ, ବିଶ୍ୱବାସୀ ଆଜି ସେହି ଅଗ୍ରପୂଜ୍ୟ ଗଣନାଥଙ୍କୁ ଭକ୍ତିଭରା ହୃଦୟରେ ପୂଜା କରି ତାଙ୍କର ଆଶିଷ ଲାଭ କରିବା। ପ୍ରାର୍ଥନା କରିବା, କରୋନା ମହାମାରୀର ଆକ୍ରମଣରୁ ବିଶ୍ୱକୁ ଉଦ୍ଧାର କରନ୍ତୁ ପ୍ରଭୁ ସିଦ୍ଧି ବିନାୟକ।

***"ଗଣେ ନାରାୟଣେ ରୁଦ୍ରେ ଅଗ୍ନିକେ ଭାସ୍କରେ ତଥା/ଭିନ୍ନାଭିନ୍ନ ନକର୍ତ୍ତବ୍ୟୋ ପଞ୍ଚଦେବଂ ନମସ୍ତୁତେ।"***

*-ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯*

# ସ୍କର୍ପିଓର ସିରିଜ୍ ଦୁର୍ଘଟଣା : ଜଣେ ମୃତ, ୪ ଗୁରୁତର

ହରିଚନ୍ଦନପୁର, (ପି.ଏନ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅଂଚଳରେ ଆଜି ସଂନ୍ଧ୍ୟାରେ ଏକ ସ୍କର୍ପିଓ ସିରିଜ୍ ଦୁର୍ଘଟଣା ଘଟାଇବା ଫଳରେ ଜଣକର ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି । ଗୁରୁତର ମାନଙ୍କୁ ଚିକିତ୍ସା ନିମନ୍ତେ ହରିଚନ୍ଦନପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି ।ସୂଚନା ଅନୁଯାୟୀ, ଏହି ସ୍କର୍ପିଓଟି ପ୍ରଥମେ ନରଣପୁର - ବ୍ରାହ୍ମଣୀପାଳ ଭିଆଇପି ରାସ୍ତାର ଆଳୁଘାଟି ନିକଟରେ ଏକ ଅଟୋରିକ୍ସାକୁ ଧକ୍କା ଦେଇଥିଲା । ଫଳରେ ଏହି ଅଟୋରିକ୍ସାରେ ଯାତ୍ରା କରୁଥିବା ୪ ଜଣ ଗୁରୁତର ହୋଇଥିଲେ । ଗୁରୁତର ମାନେ ହେଲେ ନବଘନ ଦେହୁରୀ, ପ୍ରଦୀପ ଦେହୁରୀ, ବିଳାଶ ଦେହୁରୀ, ଚକ୍ରଧର ମହାନ୍ତ । ଏମାନଙ୍କ ଘର ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଚିଲିକିଧରା ଗ୍ରାମରେ ବୋଲି ଜଣାପଡିଛି । ଏମାନେ ଫୁଟବଲ ମ୍ୟାଚ୍ ଦେଖିବା ପାଇଁ ତାଳଡ଼ିହୀ ଗ୍ରାମକୁ ଆସିଥିଲେ । ସେଠାରୁ ଅଟୋ ଯୋଗେ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ସ୍କର୍ପିଓଟି ଅଟୋରିକ୍ସାକୁ ଧକ୍କା ଦେବା ପରେ ସେଠାରୁ ଚମ୍ପଟ୍ ମାରିଥିଲା । ହେଲେ ସେଠାରୁ ୪ କି.ମି. ଦୂର ଯିବା ପରେ ତାଳଡ଼ିହୀ ଛକ ନିକଟରେ ଜଣେ ସାଇକେଲ ଆରୋହୀଙ୍କୁ ପଛରୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ହରିଚନ୍ଦନପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ନାମ ଗୁରୁଚରଣ ମହାନ୍ତ (୪୫) ଏବଂ ତାଙ୍କ ଘର ହରିଚନ୍ଦନପୁର ବ୍ଲକ ଠାକୁରପଡ଼ା ପଚାଂୟତ ଅନ୍ତର୍ଗତ ଝାଟିଆଳି ଗ୍ରାମରେ ବୋଲି ଜଣାପଡିଛି । ଖବର ପାଇ ହରିଚନ୍ଦନପୁର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଚଳାଇଛି । ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଇଛି । ଦୁର୍ଘଟଣା ପରେ ସ୍କର୍ପିଓକୁ ନେଇ ଡ୍ରାଇଭର ସେଠାରୁ ଚମ୍ପଟ୍ ମାରିଛି । ଦୁର୍ଘଟଣା ଘଟାଇଥିବା ସ୍କର୍ପିଓ ବାବଦରେ ଅନୁସନ୍ଧାନ ଜାରୀ ରଖିଛି ପୋଲିସ।

# ଇପିଏଫ୍ ପେନସନର୍ସ ଆସୋସିଏସନ୍ କେନ୍ଦୁଝର ଜିଲ୍ଲା ଶାଖା ପକ୍ଷରୁ ବିକ୍ଷୋଭ




କେନ୍ଦୁଝର (ପିଏନ୍): ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ଆହ୍ୱାନରେ କେନ୍ଦୁଝର ଜିଲ୍ଲା ଶାଖା ପକ୍ଷରୁ କେନ୍ଦ୍ର ଶ୍ରମମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୩ ଦଫା ସମ୍ବଳିତ ଦାବୀପତ୍ର କେନ୍ଦୁଝରଠାରେ ଥିବା ଭବିଷ୍ୟନିଧି କମିଶନରଙ୍କ ଜରିଆରେ ଗତ ଗୁରୁବାର ଅପରାହ୍ନରେ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ ଇପିଏଫ୍ ପେନସନଭୋଗୀ ସ୍ଥାନୀୟ ଧୋବାଡିହା ଛକ ନିକଟରୁ ଏକ ପଟୁଆରରେ ବାହାରି ବିଭିନ୍ନ ସ୍ଲୋଗାନ ଦେବା ସହିତ ଭବିଷ୍ୟନିଧି କମିଶନରଙ୍କ ଅଫିସ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦୁଝର ଜିଲ୍ଲା ସଭାପତି ମକରଧ୍ୱଜ ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆସୋସିଏସନ୍ ର ରାଜ୍ୟ ସଂଗଠନ ସଂପାଦକ କୃଷ୍ଣଚନ୍ଦ୍ର ମହାନ୍ତି,ରାଜ୍ୟ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ,କେନ୍ଦୁଝର ଜିଲ୍ଲା ସଂପାଦକ ତଥା ରାଜ୍ୟ ସଂଗଠନ ଉପସଭାପତି ରମେଶ ଚନ୍ଦ୍ର ଘଡେଇ,ଉପସଭାପତି ଶ୍ୟାମସୁନ୍ଦର ନାୟକ,ଯୁଗ୍ମ ସଂପାଦକ ଭାବଗ୍ରାହୀ ରାଉତ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉର୍ବଶୀ ମିଶ୍ର,ଅଳକା ବାରିକ,ସମର ସିଂ,ବାସୁଦେବ ସାହୁ,ଭଟକିଶୋର ମହାନ୍ତ,ନବକିଶୋର ସାହୁ,ପ୍ରଜକିଶୋର ଓଝା,ପ୍ରମୋଦ ସ୍ୱାଇଁ ଓ ମହମ୍ମଦ ଗାଲିବ ହୋସେନ ପ୍ରମୁଖ ଉଦ୍‌ବୋଧନ ଦେଇ ଇପିଏଫ୍ ପେନସନଭୋଗୀମାନଙ୍କର ବହୁବିଧ ସମସ୍ୟା ତଥା ସେ ସବୁର ସମାଧାନ ଦିଗରେ କେନ୍ଦ୍ର ସରକାରଙ୍କ ଚରମ ଉଦାସୀନତା ବାବଦରେ ଆଲୋକପାତ କରିଥିଲେ। କେନ୍ଦ୍ର ସରକାର ଏ ସବୁ ସମସ୍ୟାର ତୁରନ୍ତ ସମାଧାନ ନକଲେ ଆଗାମୀ ଦିନରେ ରାଜ୍ୟରେ ଥିବା ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଓ ସମଗ୍ର ଦେଶର ୭୦ ଲକ୍ଷରୁ ଅଧିକ ପେନସନଭୋଗୀ ବରିଷ୍ଠ ନାଗରିକମାନେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ବକ୍ତାମାନେ ଚେତାବନୀ ଦେଇଥିଲେ। କେନ୍ଦୁଝର ଜିଲ୍ଲା ସଂପାଦକ ରମେଶ ଚନ୍ଦ୍ର ଘଡେଇ ଇପିଏଫ୍ ପେନସନ ଭୋଗୀ ତଥା ବରିଷ୍ଠ ନାଗରିକଙ୍କ ଦାବୀ ପ୍ରତି କେନ୍ଦ୍ର ସରକାରଙ୍କ ଉଦାସୀନତାକୁ ନିନ୍ଦା କରିଥିଲେ। ସର୍ବନିମ୍ନ ମାସିକ ୯ ହଜାର ଟଙ୍କା ଧାର୍ଯ୍ୟ କରିବା ସହିତ ମହଙ୍ଗା ଭତ୍ତା ପ୍ରଦାନ,ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ଏବଂ ସମସ୍ତ ଇପିଏଫ୍ ପେନସନ ଭୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ ଦାବୀର ସମାଧାନ ଏବଂ କେନ୍ଦ୍ର ଶ୍ରମମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୩ ଦଫା ସମ୍ବଳିତ ଦାବୀପତ୍ର କେନ୍ଦୁଝରଠାରେ ଥିବା ଭବିଷ୍ୟନିଧି କମିଶନରଙ୍କ ଜରିଆରେ ପ୍ରତିନିଧି ଦଳ ପ୍ରଦାନ କରିଥିଲେ। ଶେଷରେ କେନ୍ଦୁଝର ଜିଲ୍ଲା ଶାଖାର ଉପସଭାପତି ଶ୍ୟାମସୁନ୍ଦର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# ମୋ ବସ୍ ସେବାରୁ ବଂଚିତ ହେଲେ ଲାଠିକଟା ଓ ସାରନଗରୀ ବାସିନ୍ଦା

ରାଉରକେଲା,(ପି.ଏନ): ରାଉରକେଲା ସହରରେ ମୋ ବସ ସେବା ଆରମ୍ଭ ହୋଇ ଏହା ବୀରମିତ୍ରପୁର କୁଆଁରମୁଣ୍ଡା ଅଂଚଳଯାଏ ସେବା ଯୋଗାଉଥିବା ବେଳେ ଏହି ସେବା ଏବେ ଧିରେ ଧିରେ ଲୋକଙ୍କୁ ଆକର୍ଷୀତ କରିଛି, ଏତିକି ବେଳେ ରାଉରକେଲା ଉପରେ ସବୁ ଦିଗରୁ ନିର୍ଭରଶିଳ ଲାଠିକଟା ଓ ସାରନଗରୀ ବାସି ଏଥିରୁ ବଂଚିତ ହୋଇଥିବାରୁ ସେ ଅଂଚଳରେ ଏନେଇ ନାନା ପ୍ରତିକ୍ରିୟା ପ୍ରକାଶ ପାଉଛି । ମୋ ବସ୍ ସେବାକୁ ମୁଖ୍ୟମନ୍ତ୍ରୀ ହକି ବିଶ୍ୱକପ ସମୟରେ ଉଦଘାଟନ କରିଦେଇଗଲେ, ଏହା ସେ ସମୟରୁ ଧିରେ ଧିରେ ଲୋକ ଲୋଚନରେ ଆଦୃତ ହେବା ସହ ଦଦରା ଭଙ୍ଗା ବସ ସେବା ଓ ମନଇଚ୍ଛା ଭଡାରୁ ଲୋକଙ୍କୁ ମୁକ୍ତି ମିଳିଲା ବୋଲି ଲୋକେ ଆଲୋଚନା କରୁଛନ୍ତି । ଏହି ବସ ସେବା ଏବେ ରାଉରକେଲା ବାସୀଙ୍କ ସମେତ ବୀରମିତ୍ରପୁର ଲୋକଙ୍କୁ ସେବା ଦେଉଛି । ଲୋକେ ମଧ୍ୟ ଏହି ଗାଡିକୁ ଚାହିଁ ରହୁଛନ୍ତି । ଏଥିରେ କିଛି ବସରେ ଏସି ସେବା ରହିଥିବାରୁ ସେହି ବସକୁ ଲୋକେ ଚାହିଁ ରହୁଛନ୍ତି । ଏତିକି ବେଳେ ଲାଠିକଟା, ଯାହା ରାଉରକେଲାରୁ ମାତ୍ର ୨୫ କି.ମି., ତା ଭିତରେ ତରକେରା, ଦେଓଗାଁ, ଦକ୍ଷିଣ ରାଉରକେଲା ଲାଗି ରଂଗିଲା ଛକ, କଲଦା, କାଟିନି ଆଦି ଲକ୍ଷାଧିକ ଅଂଚଳ ବାସୀ ରହିଛନ୍ତି । ଏହା ଭିତରେ ଆରଏମସିର ୨ଟି ୱାର୍ଡର କିଛି ଲୋକ ମଧ ରହିଛନ୍ତି । ଏହି ଅଂଚଳ ବାସୀ ଶିକ୍ଷା ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଆଦି ପ୍ରମୁଖ କାର୍ଯ୍ୟରେ ରାଉରକେଲା ଉପରେ ନିର୍ଭର କରନ୍ତି । ରାଉରକେଲାରେ କଲେଜ ଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନତମାନର ବିଦ୍ୟାଳୟ ମାନ ରହିଛି, ସରକାରୀ ଡାକ୍ତରଖାନା ବେସରକାରୀ ଡାକ୍ତରଖାନା, ଏନଆଇଟି ସମସ୍ତ ସରକାରୀ ଅଫିସ ମଧ ରହିଛି । ଏସବୁ ଲାଗି ଏହି ଅଂଚଳବାସୀ ଅଟୋ କିମ୍ବା ଭଙ୍ଗା ଦଦରା ଟାଉନ ବସ ଉପରେ ନିର୍ଭର କରିଥାନ୍ତି । ଭଡ଼ା କଥା ନକହିବା ଭଲ ।

# କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ରିଲିଫ ବଂଟନ



ଖୋର୍ଦ୍ଧା। (ପିଏନ୍): କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଖୋର୍ଦ୍ଧା ବ୍ଲକର ଶରଧାପୁର ଓ କଣାସ ବ୍ଲକର ଦୋକନ୍ଦାଠାରେ ବନ୍ୟା ପ୍ରପୀଡିତ ଲୋକଙ୍କୁ ଶୁଖିଲା ଖାଦ୍ୟ ପାଉଁରୁଟି ଓ ବିସ୍କୁଟ ଆଦି ବଂଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଇଂ. ଶିଶିର କୁମାର ନାୟକ, ସାଧାରଣ ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଉପଦେଷ୍ଟା ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଉପ-ସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟ, ମନୋରଂଜନ ପଣ୍ଡିମକବାଟ, ନିରଂଜନ ପଣ୍ଡିମକବାଟ, ରାମଚନ୍ଦ୍ର ସାମନ୍ତରାୟ, ପ୍ରଭାକର ପାଲଟାସିଂ, ଧରଣୀଧର ପାଲଟାସିଂ ଓ ପ୍ରଦୀପ ମାନସିଂହ, ମଧୁସୂଦନ ସୁନ୍ଦରାୟ ପ୍ରମୁଖ ଯୋଗ ଦେଇଥିଲେ।

# ଦୂତିପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

କନ୍ଧମାଳ ,(ପି.ଏନ): ଖଜୁରୀପଡ଼ା ବ୍ଲକ୍ ଅନ୍ତର୍ଗତ ଦୂତିପଡା ଗ୍ରାମପଂଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଶୁକ୍ରବାର ପାଳିତ ହୋଇଛି ବାର୍ଷିକ ଉତ୍ସବ। ଉତ୍ସବରେ ଖଜୁରୀପଡ଼ା ବ୍ଲକ୍ ଅଧକ୍ଷା ସୁଶ୍ରୀ ଅନିମା କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦିପ ପ୍ରଜ୍ୱଳନ କରି ମଂଚ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ଖଜୁରୀପଡ଼ା ବ୍ଲକ୍ ଉପାଧକ୍ଷ ଅମିତ୍ ଦିଗାଲ, ସ୍କୁଲ୍ ଇନ୍ସପେକ୍ଟର ସୁଜାତା ବେହେରା, ଡି ଆଇ ସୁଧୀର ଦିଗାଲ, ଦୂତିପଦା ସରପଂଚ ଜାନକୀ ଜାନୀ, ସମିତି ସଭ୍ୟ ଶୁକଦେବ ସେଠୀ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତ୍ୟୁଷ କୁମାର ରଥ, ଏସ୍ ଏମ ସି ସଭାପତି ବରୁଣ କହଁର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ସିମାଂଚଳ ବେହେରା ସଭାପତିତ୍ୱ କରିଥିବାବେଳେ ପି ଏ ଆଇଟିଡିଏ କନ୍ଧମାଳ ନରେଶ କୁମାର ଶବର ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ନିଜର ବହୁମୂଲ୍ୟ ଉଦବୋଧନ ମାଧମରେ ଅନେକ ସଚେତନ କରିଥିଲେ। ପିଲାଙ୍କ ଦ୍ୱାରା ସନ୍ଧ୍ୟାରେ ଆୟୋଜିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପୂର୍ବରୁ କରାଯାଇଥିବା କ୍ରୀଡ଼ା ପ୍ରତିଯୋଗୀତାରେ କୃତକାର୍ଯ୍ୟ ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଠାରୁ ମାନପାତ୍ର ଏବଂ ପୁରସ୍କାର ପ୍ରଦାନ କରଯାଇଥିଲା।

# ବିଦ୍ୟୁତ୍ ଆଘାତରେ ଦୁଇ ମାଈ ହାତୀ ମୃତ

କେନ୍ଦୁଝର (ପିଏନ୍): କେନ୍ଦୁଝର ସଦର ରେଞ୍ଜ ସିଦ୍ଧମଠ ବିଟ୍ ଅନ୍ତର୍ଗତ ଓୟୁଏଟି ପରିସରରେ ଗତ ଗୁରୁବାର ଭୋର ସକାଳ ସମୟରେ ବିଦ୍ୟୁତ୍ ଆଘାତରେ ଦୁଇଟି ମାଈ ହାତୀ ମୃତ୍ୟୁବରଣ କରିଛନ୍ତି। ସାନଘାଗରା ଡିପିଏଫ୍ ଜଙ୍ଗଲର ଜୁଡିଆରେ ୯ଟି ହାତୀ ଗତକାଲି ଥିଲେ। ହାତୀ ଦଳରେ ୨ଟି ଦନ୍ତା, ୫ଟି ମାଈ ହାତୀ ସମେତ ୨ଟି ହାତୀ ଛୁଆ ଥିଲେ। ଗତ କିଛିଦିନ ହେବ ଏହି ହାତୀଦଳ ଜୁଡିଆ ଜଙ୍ଗଲରେ ରହି ଆସୁଥିଲେ। ଗୁରୁବାର ଭୋର ସମୟରେ ହାତୀ ଦଳ ଓୟୁଏଟି ପରିସରରେ ପଶିଥିଲେ। ପରିତ୍ୟକ୍ତ ଷ୍ଟାଫ କ୍ୱାର୍ଟର ନିକଟରେ ମାଳିଗାଁ ଯାଇଥିବା ଚଲା ରାସ୍ତାରେ ଏଲଟି ଲାଇନରେ ଲାଗିଥିବା ଲତା ଖାଇବା ପାଇଁ ଶୁଣ୍ଢରେ ଟାଣି ଦେବା ଫଳରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ଟି ମାଈ ହାତୀ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ହାତୀମାନେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିନଥିବାରୁ ଅଳ୍ପକେ ରକ୍ଷାପାଇଯାଇଛନ୍ତି। ଅନ୍ୟ ୭ଟି ହାତୀ ନିକଟସ୍ଥ ସାନଘାଗରା ଡିପିଏଫ୍ ଜଙ୍ଗଲକୁ ପଳାଇଛନ୍ତି। ବନବିଭାଗ ଏବଂ ବିଦ୍ୟୁତ୍ ବିଭାଗ ଅବହେଳାରୁ ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଦିନକୁ ଦିନ ବଢିବାରେ ଲାଗିଛି। ଏହି ସ୍ଥାନରେ ହାତୀପଲ ଦୀର୍ଘଦିନ ଧରି ରହୁଥିଲେ ହେଁ ଏହାର ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଉକ୍ତ ଅଞ୍ଚଳ ଦେଇ ଯାଇଥିବା ୧୧ କେଭି ତାର କେବୁଲ ମାଧ୍ୟମରେ ବିଛା ଯାଇଥିବାବେଳେ ମାଳିଗାଁକୁ ଯାଇଥିବା ୫୫ମିଟର ଲୋ-ଟ୍ରାନସମିଶନ (ଏଲଟି) ଲାଇନ କେବୁଲ କରାଯାଇ ନ ଥିବାରୁ ଏଭଳି ଅଘଟଣ ଘଟିଥିବା ଆର୍‌ସିସିଏଫ୍ ଡକ୍ଟର ଅରୁଣ ମିଶ୍ର ସୂଚନା ଦେଇଛନ୍ତି। ଏଲଟି ଲାଇନ କମ୍ ଉଚ୍ଚତାରେ ଥିବାବେଳେ ଲତାରେ ଲୁଚି ଯାଇଥିଲେ ମଧ ଏହାକୁ ବିଦ୍ୟୁତ୍ ବିଭାଗ ସଫା କରିନାହିଁ। ହାତୀପଲଙ୍କ ଯାତାୟାତ ପଥରେ ଏବଂ ଜଙ୍ଗଲ ଭିତରେ ଥିବା ବିଦ୍ୟୁତ୍ ତାରକୁ କେବୁଲ କରାଯାଉନଥିବାରୁ ହାତୀଙ୍କ ମୃତ୍ୟୁ ଘଟୁଛି। ମୃତ ହାତୀ ଦ୍ୱୟର ବୟସ ପାଖାପାଖି ୨୫ରୁ ୩୦ ବର୍ଷ ହେବ ଏବଂ ସେମାନଙ୍କ ମଧ୍ୟରୁ ଗୋଟିଏ ହାତୀ କିଛି ମାସ ତଳେ ଗୋଟିଏ ଶିଶୁ ଜନ୍ମ ଦେଇଥିଲା। ମୃତ୍ୟୁବରଣ କରିଥିବା ଅନ୍ୟ ଗୋଟିଏ ମାଈ ହାତୀ ଗର୍ଭବତୀ ଥିବା ବ୍ୟବଚ୍ଛେଦ ସମୟରେ ଜଣାପଡିଥିଲା। ଏହି ଘଟଣା ପରେ ଶିଶୁ ହାତୀର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



# ମୋ ଗାଁ

## ସୁବର୍ଣ୍ଣପୁରରେ ଶ୍ରମମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ସୁବର୍ଣ୍ଣପୁର, (ପି.ଏନ): ଓଡିଶା ସରକାରଙ୍କ ଶ୍ରମ ଏବଂ କର୍ମଚାରୀ ରାଜ୍ୟବୀମା ବିଭାଗ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଶ୍ରମ ବିଭାଗ କାର୍ଯ୍ୟ ର ସମୀକ୍ଷା କରିଥିଲେ ଓ ମନ୍ତ୍ରୀଙ୍କ ସହିତ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମଧ୍ୟ ଏହି ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଓ ଜିଲ୍ଲା ଶ୍ରମ ଅଧିକାରୀ ଦିଲେଶ୍ୱର ଖାକା ନିଜ ବିଭାଗର କାର୍ଯ୍ୟାବଳି ଏବଂ ଉପଲବ୍ଧିତାର ପାୱାର ପଏଂଟ ରିପ୍ରେଜେଂଟେସନ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଜିଲ୍ଲାରେ ବର୍ତମାନ ସୁଦ୍ଧା ୧୨୧୯୪୩ ଜଣ ଶ୍ରମିକ ପଞ୍ଜୀକରଣ କରିଛନ୍ତି ଓ ବର୍ତମାନ ଆଉ ଶ୍ରମିକମାନଙ୍କୁ ଜିଲ୍ଲା କାର୍ଯ୍ୟାଳୟକୁ ଆସିବାକୁ ପଡୁନାହିଁ ଏବଂ ସେମାନେ ନିଜ ଘର ପାଖରେ ଇ ଶ୍ରମିକ ପୋର୍ଟାଲ୍ ମାଧ୍ୟମରେ ସୁବିଧାରେ ନିଜ ନାମ ପଞ୍ଜୀକୃତ କରିବା ସହିତ ବିଭିନ୍ନ ସହାୟତା ପାଇଁ ଆବେଦନ କରିପାରିବେ କ୍ଷ ବର୍ତମାନ ସୁଦ୍ଧା ଜିଲ୍ଲାରେ ଶ୍ରମିକମାନଙ୍କ ମଧ୍ୟରୁ ୧୭୯୯ ଜଣ ଶିକ୍ଷା, ୨୪୪୪ ଜଣ ବିବାହ,୫୯୩ ଜଣ ମାତୃତ୍ୱ , ୨୪୪୪ ଜଣ ସାଇକଲ, ୧୪୨୪୦ ଜଣ କାର୍ମିକ ଟୁଲ , ୧୭୯୯ ଜଣ ନିରାପଦ ଟୁଲ, ୫୯୩ ଜଣ ମୃତ୍ୟୁ ପରବର୍ତୀ ସହାୟତା ପାଇଛନ୍ତି ଓ ମନ୍ତ୍ରୀ ସମସ୍ତ ହିତାଧିକାରୀଙ୍କ ନାଜ୍ୟ ପ୍ରାପ୍ୟ ଅତିଶୀଘ୍ର ପ୍ରଦାନ କରିବା ସହିତ ପ୍ରତି ପଂଚାୟତ ଏବଂ ବ୍ଲକ ମାଧ୍ୟମରେ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଓ ବିଧାୟକ ପଦ୍ମନାଭ ବେହେରା କହିଲେଯେ କେବଳ ଇ ରେଜିଷ୍ଟ୍ରେସନ୍ ଉପରେ ଭରସା ନକରି ଶ୍ରମ ବିଭାଗ ଜନସାଧାରଣଙ୍କ ପାଖରେ ପହଂଚି ସେମାନଙ୍କୁ ସଚେତନ କରୁ। ଅତିରିକ୍ତ ଜିଲ୍ଲାପାଳ ମାର୍ଚ୍ଚ ଶେଷ ସୁଦ୍ଧା ହିତାଧିକାରୀ ମାନେ ବିଗତ ବର୍ଷର ସମସ୍ତ ସୁବିଧା ଯେମିତି ପାଇପାରିବେ ସେଥିପ୍ରତି ଶ୍ରମ ବିଭାଗ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଆଲୋଚନା ରେ ବଲାଙ୍ଗିର ସୁବର୍ଣ୍ଣପୁର ଫ୍ୟାକ୍ଟ୍ରି ଓ ବ୍ରୋଏଲର ଉପନିର୍ଦ୍ଦେଶକ ବିବେକାନନ୍ଦ ନାୟକ, ଇଏସଆଇ ଡାକ୍ତର ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ କ୍ଷ ଜିଲ୍ଲା ଶିଳ୍ପ କେନ୍ଦ୍ର ମ୍ୟାନେଜର, ଆସିଷ୍ଟାଂଟ କଲେକ୍ଟର ଆନନ୍ଦ ଚନ୍ଦ୍ର ପଣ୍ଡାଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ସଭାରେ ଉପସ୍ଥିତ ଥିଲେ। ସୁଚନା ଅଧିକାରୀ ବିଦ୍ୟାପତି ପଣ୍ଡା ସଭା ପରିଚାଳନା କରିଥିଲେ ଏବଂ ଉପ ଶ୍ରମ ଅଧିକାରୀ ସବିତା କୁମାରୀ ନାଏକ, ଶ୍ରମ କାର୍ଯ୍ୟାଳୟର ସୁଚିସ୍ମିତା ପାତ୍ର ଏବଂ ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## କର୍କଟ ରୋଗୀ ଓ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ମଧ୍ୟରେ ବ୍ୟବଧାନ ହ୍ରାସ ଉପରେ ଗୁରୁତ୍ୱ : ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ବିଶ୍ୱ କର୍କଟ ଦିବସ ପାଳିତ

ସୁବର୍ଣ୍ଣପୁର, (ପି.ଏନ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ସ୍ୱାସ୍ଥ୍ୟ ତାଲିମ କେନ୍ଦ୍ର ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଂଜନ ପତିଙ୍କ ଅଧକ୍ଷତାରେ ଆଜି ଜିଲ୍ଲାସ୍ତରୀୟ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। କର୍କଟ ରୋଗୀ ଓ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟସେବା ମଧ୍ୟରେ ବ୍ୟବଧାନ ହ୍ରାସ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିବା ସାମ୍ପ୍ରତିକ ସମୟର ଆହ୍ୱାନ ବୋଲି ଏହି ଅବସରରେ ଡାକ୍ତର ପତି ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡାକ୍ତର ଦୈତ୍ୟ ନାରାୟଣ ପାଢୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡାକ୍ତର ପଦ୍ମହଂସା ଦୋରା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ମଂଚାସୀନ ହୋଇ କର୍କଟର କାରଣ ଓ ନିରାକରଣ ଉପରେ ବିଶେଷ ଆଲୋଚନା କରିଥିଲେ। ସମଗ୍ର କାର୍ଯ୍ୟକ୍ରମଟି ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ବେଳେ ଆସିଷ୍ଟାଂଟ ମେନେଜର ଏନସିଡି ଗୀତାଞ୍ଜଳି ମେହେର ଆୟୋଜନରେ ସହଯୋଗ କରିଥିଲେ। ଏହି ପାଳନସୋବରେ ବିଭିନ୍ନ ବ୍ଲକ୍ ରୁ ସିଏଚଓ ମାନେ ଯୋଗ ଦେଇଥିଲେ।

## କଂଚନପୁରରେ ପାରମ୍ପରିକ ମାଗେ ପରବ ପାଳିତ

ଚମ୍ପୁଆ, (ପି.ଏନ): କେନ୍ଦୁଝର ଜିଲ୍ଲାର ବିଭିନ୍ନ ଗ୍ରାମାଂଚଳରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ପ୍ରତ୍ୟେକ ବର୍ଷ ମାଘ ମାସର ଆଗମନରେ ପାଳନ କରିଥାନ୍ତି ମାଗେ ପରବ। ମାଘ ମାସକୁ ବର୍ଷର ସବୁଠାରୁ ପବିତ୍ର ମାସ ଭାବେ ଗ୍ରହଣ କରି ଗ୍ରାମର ସୁବିଧା ଅନୁଯାୟୀ ମାଘ ମାସର ସଂକ୍ରାନ୍ତି ପରଠାରୁ ଯେକୌଣସି ଦିନ ଏହି ପର୍ବ ପାଳନ କରାଯାଇଥାଏ। କେନ୍ଦୁଝର ଜିଲ୍ଲା ହୋଇ ଉଠେ ଚଳଚଂଚଳ। ନିଆରା ଢଙ୍ଗରେ ପାଳିତ ହେଉଥିବା ଏହି ପର୍ବରେ ଭୂମି ପୂଜା, ଏବଂ କୂଳ ପୂଜାକୁ ଗୁରୁତ୍ୱ ଦିଆ ଯାଇଥାଏ। ଗ୍ରାମର ସମସ୍ତ ଗ୍ରାମବାସୀ ଏକତ୍ରିତ ଭାବରେ ଗାଁ ମୁଣ୍ଡରେ ମାଘ ପୂଜା କରି ଘର ମାନଙ୍କରେ ବଡ଼ ଠାକୁର (ମାରାଙ୍ଗ ବଙ୍ଗା) ପୂଜା କରିଥାନ୍ତି। ସମସ୍ତେ ନୂଆ ବସ୍ତ୍ର ପରିଧାନ କରି ବର୍ଷ ଯାକର ରାଗ, ରୁଷା, ଅଭିମାନ ଭୁଲି କାନ୍ଧକୁ କାନ୍ଧ ମିଶେଇ , ହାତକୁ ହାତ ଧରାଧରି ହୋଇ ପାରମ୍ପରିକ ଗୀତ ନାଚରେ ମଜି ଯାଇଥାନ୍ତି। ଏହିପରି ଭାବରେ ପ୍ରତିଟି ଆଦିବାସୀ ଗ୍ରାମରେ ପାଳିତ ହୁଏ ମାଗେ ପର୍ବ। ଠିକ ସେହିପରି ଚମ୍ପୁଆ ବ୍ଲକ, ରଜିଆ ପଂଚାୟତ ଅନ୍ତର୍ଗତ କଂଚନପୁର ଗ୍ରାମରେ ମାଗେ ପରବ ବହୁ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଗ୍ରାମର ଦେହୁରୀଙ୍କ ଦ୍ୱାରା ନିୟମାନୁଯାୟୀ ପୂଜା କାର୍ଯ୍ୟ ସରିବା ପରେ ଉତ୍ସବ ମୁଖର ହୋଇ ଉଠିଛି କଂଚନପୁର ଗ୍ରାମ। ଗ୍ରାମର ସମସ୍ତ ପୁରୁଷ, ମହିଳା ଏକତ୍ରିତ ଭାବେ କାନ୍ଧକୁ କାନ୍ଧ, ହାତକୁ ହାତ ମିଳାଇ ନୃତ୍ୟ ଗୀତରେ ମଜି ଯାଇଛନ୍ତି। ଦୁଇଦିନ ଧରି ପାଳିତ ହୋଇଥିବା ଏହି ମାଗେ ପର୍ବର ଶେଷ ଦିନରେ ଆଜି ମୁଖ୍ୟ ଅତିଥିଭାବେ ସମାଜ ସେବୀ ତଥା ଚମ୍ପୁଆ ବିଜେପିର ବରିଷ୍ଠ ନେତା ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗଦେଇ ଗ୍ରାମବାସୀଙ୍କ ସହିତ ପାରମ୍ପରିକ ନୃତ୍ୟ, ଗୀତରେ ସାମିଲ ହେବା ସହିତ ନିଜର ଅଭିଭାଷଣ ମାଧ୍ୟମରେ ଆଦିବାସୀ ହୋ ସମାଜର ମାଗେ ପରବ, ବାଆ ପରବ ଆଦି ପର୍ବମାନଙ୍କର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରତିପାଦନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଚମ୍ପୁଆର ବରିଷ୍ଠ ଆଇନଜୀବି ରମେଶ ଚନ୍ଦ୍ର ପ୍ରଧାନ, ଚମ୍ପୁଆର ପୂର୍ବତନ ବ୍ଲକ ଚେୟାରମ୍ୟାନ ସିଦ୍ଧାର୍ଥ କୁମାର ସିଂହ ଓ କଂଚନପୁର ବୁଥ କମିଟି ସଭାପତି ରୋହିତ କୁମାର ପ୍ରଧାନ ଯୋଗ ଦେଇ ଆଦିବାସୀମାନେ କିପରି ମାଗେ ପର୍ବରେ ବର୍ଷ ଯାକର ରାଗ ରୁଷା, ମନ ମାଳିନ୍ୟକୁ ଭୁଲି ହାତକୁ ହାତ କାନ୍ଧକୁ କାନ୍ଧ ମିଶେଇ ନାଚ ଗୀତରେ ସାମିଲ ହୋଇଥାନ୍ତି ସେ ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଅତିଥିମାନଙ୍କୁ ଗ୍ରାମର ଆଦିବାସୀ ମହିଳାମାନେ ଗାଁ ମୁଣ୍ଡରେ ବନ୍ଦାପନା କରି ପାରମ୍ପରିକ ନୃତ୍ୟ, ଗୀତର ତାଳେ ତାଳେ ଆଖଡ଼ା ସ୍ଥାନକୁ ପାଛୋଟି ଆଣିବା ପରେ ଆଜିର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଗ୍ରାମର ପୁରୁଷ, ମହିଳା ସମସ୍ତେ ମିଶି ଅତିଥିମାନଙ୍କୁ ମଧ୍ୟ ମାଗେ ନାଚରେ ସାମିଲ କରି ନଚେଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ କଂଚନପୁର ମାଗେ ପରବ ପରିଚାଳନା କମିଟି ସଦସ୍ୟ ଚକ୍ର ମୁଣ୍ଡା, ଗଣେଶ୍ୱର ମୁଣ୍ଡା, ଶୁକରାମ ମୁଣ୍ଡା, ରାମ ମୁଣ୍ଡା, ରଘୁନାଥ ମୁଣ୍ଡା, ଟୁଗୁନୁ ମୁଣ୍ଡା, ଜାଗୁ ମୁଣ୍ଡା, ବାଗୁନ ମୁଣ୍ଡା, ପ୍ରତାପ ଲୋହାର ପ୍ରମୁଖ ପରିଚାଳନା କରିଥିଲେ।

# ଜାତୀୟ ରେଡକ୍ରସରେ ଓଡିଶା ରେଡକ୍ରସର ବିରଳ କୃତିତ୍ୱ

ଭୁବନେଶ୍ୱର, (ପିଏନ);- ଭାରତୀୟ ରେଡକ୍ରସ ସୋସାଇଟିର ବାର୍ଷିକ ସାଧାରଣ ବୈଠକ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ତରଫରୁ ଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, କନିଷ୍ଠ ରେଡକ୍ରସ ଅଧିକାରୀ ଶ୍ରୀ ଲକ୍ଷ୍ମଣ ସ୍ୱାଇଁ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ବା ସେମାନଙ୍କ ପ୍ରତିନିଧି, ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟମାନେ ଯୋଗ ଦେଇଥିଲେ । ସୁଶ୍ରୀ ସିଟିଏମ. ସୁଗୁଣା ରାଜ୍ୟରେ କ୍ରିୟାଶୀଳ ସମସ୍ତ ଯୋଜନାର ସଫଳ ରୂପାୟନ ନିମନ୍ତେ ଭାରତୀୟ




ରେଡକ୍ରସ ସୋସାଇଟିର ସହଯୋଗକୁ ବର୍ଣ୍ଣନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ଜାତୀୟ ସ୍ତରରେ ରେକର୍ଡ ସଂଖ୍ୟକ ୭ଗୋଟି ପୁରସ୍କାର ଗ୍ରହଣ କରି ବିରଳ କୃତିତ୍ୱ ହାସଲ କରିଛନ୍ତି । ସର୍ବାଧିକ ରକ୍ତଦାନ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ବର୍ଷ ନିମନ୍ତେ ତଥା ସର୍ବାଧିକ ଅନୁଦାନ ସଂଗ୍ରହ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ଏବଂ ୨୦୧୮-୨୦୧୯, ବର୍ଷ ନିମନ୍ତେ ଶ୍ରେଷ୍ଠ ରାଜ୍ୟ ଶାଖା ଭାବରେ ଓଡିଶା ସମ୍ମାନୀତ ହୋଇଛି । ଏତତ୍ ବ୍ୟତିତ ବ୍ୟକ୍ତିଗତ ସଫଳତା ନିମନ୍ତେ ସ୍ୱେଚ୍ଛାସେବୀ ଶ୍ରୀମତୀ ଗୀତାଞ୍ଜଳି ପଣ୍ଡା ଓ ମାଲକାନଗିରି ଯୁବ ରେଡକ୍ରସ ପରାମର୍ଶଦାତା ଡ. ରଂଜନ କୁମାର ସ୍ୱାଇଁଙ୍କୁ ଜାତୀୟ ରେଡକ୍ରସ ମେରିଟ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି । ଏହି ସମସ୍ତ ସଫଳତା ନିମନ୍ତେ ସମସ୍ତ ସ୍ୱେଚ୍ଛାସେବୀ ତଥା ଯୁବ ରେଡକ୍ରସ, କନିଷ୍ଠ ରେଡକ୍ରସର ସମସ୍ତ କର୍ମକର୍ତ୍ତା, କାର୍ଯ୍ୟାଳୟ କର୍ମଚାରୀମାନଙ୍କୁଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, ସାଧୁବାଦ ଜଣାଇଛନ୍ତି ।

## ଖାତାବୁକ୍ ମାଇଁଷ୍ଟୋର୍ ଆପ୍ ପକ୍ଷରୁ ମାତ୍ର ୧୫ ମିନିଟ୍‌ରେ ବ୍ୟବସାୟୀଙ୍କୁ ଅନ୍‌ଲାଇନ୍ ବ୍ୟବସାୟ କରିବାର ସୁବିଧା ପ୍ରଦାନ

ଭୁବନେଶ୍ୱର: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଫିନ୍‌ଟେକ୍ ଷ୍ଟାର୍ଟ-ଅପ୍, ଖାତାବୁକ୍ ଏବେ ଆଣ୍ଡ୍ରଏଡ୍‌ରେ ଏହାର 'ମାଇଁଷ୍ଟୋର୍' ଆପ୍‌ର ଶୁଭାରମ୍ଭ କରିଛି। ସହଜ ସାଇନ୍-ଅପ୍ ପ୍ରକ୍ରିୟା ସହିତ ଏହା ହେଉଛି ଏକ ଅନ୍ତର୍ନିହିତ ଓ ସୁରକ୍ଷିତ ଇଂଟରଫେସ୍ ବିଶିଷ୍ଟ ଆପ୍, ଯାହାକି ବ୍ୟବସାୟୀମାନଙ୍କଦ୍ୱାରା ୧୫ ମିନିଟ୍ ମଧ୍ୟରେ ସେମାନଙ୍କର ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥାଏ। ଖାତାବୁକ୍‌ର 'ମାଇଁଷ୍ଟୋର୍' ଆପ୍ ୧୩ଟି ଭାରତୀୟ ଭାଷାରେ ଉପଲବ୍ଧ ଯାହା ବ୍ୟବହାରର ସହଜତା ଓ ସର୍ବଭାରତୀୟ ଗ୍ରହଣୀୟତାକୁ ସୁନିଶ୍ଚିତ କରୁଛି। ଏହି ଆପ୍ ବ୍ୟବସାୟୀମାନଙ୍କୁ ସାମାଜିକ ଦୂରତା ନିୟମ ବଜାୟ ରଖି ବ୍ୟବସାୟ ଜାରି ରଖିବାକୁ ସକ୍ଷମ କରିଥାଏ। ମାଇଁଷ୍ଟୋର୍ ଆପ୍‌କୁ ପୂର୍ବରୁ ଦେଶର ୨୫ ଲକ୍ଷରୁ ଅଧିକ ବ୍ୟବସାୟୀ ଇନ୍‌ଷ୍ଟଲ କରିଛନ୍ତି। ଏହି ଆପ୍‌ରେ ଫ୍ଲାଗସିପ୍ ବା ମୂଳ ଖାତାବୁକ୍ ଆପ୍‌ର ୟୁଜର୍ ଆଧାରର ଏକ ତୃତୀୟାଂଶରୁ ଅଧିକ ୟୁଜର୍ ପ୍ରୋଫାଇଲ ସଂଲଗ୍ନ ଥିବା ଅନୁମାନ କରାଯାଉଛି। ଏହି ଆପ୍‌ର ଲଂଚ୍ ଅବସରରେ ସହପ୍ରତିଷ୍ଠାତା ତଥା ସିଇଓ ରବିଶ ନରେଶ କହିଛନ୍ତି, ଆମେ ନିରନ୍ତର ଭାବେ ଦକ୍ଷତା ବୃଦ୍ଧି ସହିତ ଭାରତର ଏମ୍‌ଏସ୍‌ଏମ୍‌ଇ ବର୍ଗ ପାଇଁ ବ୍ୟବସାୟ ସଂଚାଳନ ଖର୍ଚ୍ଚକୁ ହ୍ରାସ କରିବା ଲାଗି ଉପାୟ ଖୋଜୁଛୁ। ମାଇଁଷ୍ଟୋର ଆପ୍‌ର ଉନ୍ମୋଚନ ଏହି ଉଦ୍ଦେଶ୍ୟ ଉପରେ ଆଧାରିତ ଏବଂ ଏହା ଡିଜିଟାଲ ଯୁଗରେ ବ୍ୟବସାୟ କରିବାର ଏକ ଅଧିକ ବିକଶିତ ଉପାୟ ପାଇଁ ଅଫର୍ ଓ ଏକ ଦୃଢ ବୈଷୟିକ ଭିତିଭୂମି ପ୍ରଦାନ କରୁଛି। ମାଇଁଷ୍ଟୋର୍ ଆପ୍‌କୁ ବ୍ୟବହାର କରିବା ଲାଗି ପ୍ରଥମେ ଏହାକୁ ଡାଉନ୍‌ଲୋଡ୍ କରନ୍ତୁ। ପରେ ଏଥିରେ ନାମ, ଉତ୍ପାଦ ଓ ମୂଲ୍ୟ ପରି ବ୍ୟବସାୟ ସମ୍ବନ୍ଧିତ ତଥ୍ୟ ଦିଅନ୍ତୁ। ନିଜ ପସନ୍ଦର ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଗ୍ରାହକଙ୍କ ସହିତ ଷ୍ଟୋର୍ ଲିଙ୍କ୍ ନିୟୋଜିତ କରନ୍ତୁ ଓ ବିକ୍ରି ଆରମ୍ଭ କରନ୍ତୁ। ଖାତାବୁକ୍ ଆପ୍‌ର ମାସିକ ସକ୍ରିୟ ଉପଭୋକ୍ତା ଆଧାର ୮୦ ଲକ୍ଷ ରହିଥିବା ବେଳେ ଏହା ପାରମ୍ପରିକ ବ୍ୟବସାୟ ଉଧାର ଖାତାବହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରି ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ସୁଧଶର ଆଣିଛି। ଏହି ଆପ୍ କିରାନା ଷ୍ଟୋରଠାରୁ ଆରମ୍ଭ କରି ମୋବାଇଲ ରିଚାର୍ଜ ଦୋକାନ, ଗାର୍‌ମେଂଟ୍ ଡିଲର ଓ ଜୁଏଲର୍ସ ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଅଧିକ ପ୍ରକାରର ବ୍ୟବସାୟକୁ ସେବା ପ୍ରଦାନ କରୁଛି।

## ନ୍ୟୁହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା

ଭୁବନେଶ୍ୱର : ପୃଥିବୀର ଅଗ୍ରଣୀ ଏଗ୍ରିକଲଚର ବ୍ରାଣ୍ଡ୍ ନ୍ୟୁ ହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ଭାରତରେ ଏହାର ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଟିଂ ଘୋଷଣା କରାଯାଇଛି। ପ୍ରଥମ କରି ନ୍ୟୁ ହଲାଣ୍ଡ ପକ୍ଷରୁ ଏଭଳି ସୁବିଧା ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଛି। କମ୍ପାନୀ ପକ୍ଷରୁ ୬ ବର୍ଷ ଏବଂ ୬୦୦୦ ଘଂଟାର ୱାରେଂଟି ପଲିସି ୨୦୨୦ ଅକ୍ଟୋବର ୨ଠାରୁ ଲାଗୁ ହୋଇଛି। ଏହି ୱାରେଂଟି ସୁବିଧା ସହଜରେ ରିସେଲ୍ ସମୟରେ ବିକ୍ରେତାଙ୍କଠାରୁ କ୍ରେତାଙ୍କ ପାଖକୁ ଟ୍ରାନ୍ସଫର୍ ମଧ୍ୟ ହୋଇପାରିବ। ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତ ଏବଂ ସାର୍କର ପରିଚାଳନା ନିର୍ଦ୍ଦେଶକ ତଥା କଂଟ୍ରି ହେଡ୍ ରୌନକ୍ ବର୍ମା କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ଜ୍ଞାନକୌଶଳ, ବିଶ୍ୱାସନୀୟତା ଏବଂ ଗୁଣବର୍ତ୍ତା ପାଇଁ ଖ୍ୟାତି ହାସଲ କରିପାରିଛି। ଆମେ ଆମର ଉତ୍ପାଦ ଉପରେ ବେଶ୍ ନିଶ୍ଚିତ। ତେଣୁ ଆମେ ୬ ବର୍ଷର ୱାରେଂଟି ସୁବିଧା ଭାରତରେ ସମସ୍ତ ଟ୍ରାକ୍ଟର ଉପରେ ଘୋଷଣା କରିଛୁ। ଦେଶର କୃଷକମାନଙ୍କ ପ୍ରତି ଥିବା ଆମର ପ୍ରତିଶ୍ରୁତି ବଦ୍ଧତାକୁ ଏହା ସୂଚିତ କରୁଛି। ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତର ସେଲସ୍ ନିର୍ଦ୍ଦେଶକ ବିମଳ କୁମାର କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ପକ୍ଷରୁ ଘୋଷଣା କରାଯାଇଥିବା ୬ ବର୍ଷର ଟି-ୱାରେଂଟି ଆମର ଶ୍ରେଷ୍ଠ ଜ୍ଞାନକୌଶଳକୁ ପ୍ରତିପାଦିତ କରିବାକୁ ସକ୍ଷମ ହୋଇଛି। ଏହି ୱାରେଂଟି ସୁବିଧା ପରବର୍ତ୍ତୀ କ୍ରେତାଙ୍କ ପାଖକୁ ସହଜରେ ଟ୍ରାନ୍ସଫର ହୋଇପାରିବ। ନ୍ୟୁ ହଲାଣ୍ଡ ଏଗ୍ରିକଲଚରର ଶ୍ରେଷ୍ଠ ଜ୍ଞାନକୌଶଳଯୁକ୍ତ ଟ୍ରାକ୍ଟର ଉପଲବ୍ଧ କରାଯାଇଥାଏ। ଏହା ସହିତ ସମସ୍ତ ଚାଷ ଉପକରଣ ଚାଷ ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ଉପଲବ୍ଧ କରାଇଥାଏ। ଏହା ଘାସ ଏବଂ ଚାରା ରୋପଣ ଉପକରଣ, ପ୍ଲାଂଟର, ବାଲେର, ସ୍ପ୍ରେୟର, ଟିଲର ଉପକରଣ ଆଦି ପ୍ରସ୍ତୁତ କରିଥାଏ। କମ୍ପାନୀର ଟ୍ରାକ୍ଟର ରେଞ୍ଜ ଉନ୍ନତ ଜ୍ଞାନକୌଶଳ ଆଧାରରେ ନିର୍ମିତ। ଏଗୁଡ଼ିକ ବିଶେଷ ଶକ୍ତିଶାଳୀ ଏବଂ ଏହାର ଇଞ୍ଜିନ୍ ଇନ୍ଧନ ସଂଚୟକାରୀ। ଭାରତବ୍ୟାପି କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଆବଶ୍ୟକ ତାଲିମ୍ ବିକ୍ରି ପରବର୍ତ୍ତୀ ସେବା ଅନ୍ତର୍ଗତ ମଧ୍ୟ ଯୋଗାଇ ଦିଆଯାଇଥାଏ।

## ୨୦୨୦ ପାଇଁ ପାର୍ବଣ ଅଫର୍ ସହିତ ଏସ୍‌ବିଆଇ କାର୍ଡ ନିଜ ଗ୍ରାହକଙ୍କୁ ଅଧିକ ଉତ୍ସାହ ପ୍ରଦାନ କରୁଛି

ନୂଆଦିଲ୍ଲୀ/ ଭୁବନେଶ୍ୱର,(ପିଏନ): ଭାରତର ସର୍ବବୃହତ କେବଳ କ୍ରେଡିଟ କାର୍ଡ ଜାରି କରୁଥିବା ସଂସ୍ଥା ଏସ୍‌ବିଆଇ କାର୍ଡ ଚଳିତ ପାର୍ବଣ ଋତୁରେ ତାହାର କାର୍ଡଧାରୀଙ୍କ ପାର୍ବଣ ଖୁସି ଅଧିକ ବଢାଇବାକୁ ଯାଉଛି। ପରିବର୍ତ୍ତିତ ଧାରା ଏବଂ ଗ୍ରାହକଙ୍କ ପସନ୍ଦ ମୁତାବକ ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥା କରାଯାଇଥିବା ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ସହିତ ଏସ୍‌ବିଆଇ କାର୍ଡ ଗ୍ରାହକଙ୍କୁ ସେମାନଙ୍କର ପାର୍ବଣ ଋତୁକାଳୀନ କ୍ରୟ ଅନୁଭୂତିକୁ ଅଧିକ ଉତ୍ସାହପ୍ରଦ କରିବା ପ୍ରୟାସ କରିଛି। ବିବିଧ ରେଞ୍ଜର ଅଫର ମଧ୍ୟରେ ରହିଛି ୩୦୦ରୁ ଅଧିକ ଜାତୀୟ ଏବଂ ୭୦୦ରୁ ଅଧିକ ଆଞ୍ଚଳିକ ତଥା ଅତିମାତ୍ରାରେ ସ୍ଥାନୀୟ ଅଫର୍। ବିସ୍ତାରିତ ଅଫର ମଧ୍ୟରେ ବିବିଧ ବର୍ଗ ଯଥା ଫେଶନ ଓ ଲାଇଫଷ୍ଟାଇଲ, ଇଲେକଟ୍ରୋନିକ୍ସ, ମୋବାଇଲ, ଅଳଙ୍କାର, ଡିପାର୍ଟମେଣ୍ଟକ୍ଷଷ୍ପ;ାଲ ଷ୍ଟୋର ଏବଂ ଭ୍ରମଣ ତଥା ଅନ୍‌ଲାଇନ ମାର୍କେଟପ୍ଲେସ ଆଦି ଅନ୍ତର୍ଭୁକ୍ତ। ଏହି ଅଫର୍ ଦେଶବ୍ୟାପୀ ଆମାଜନ, ବ୍ରାଣ୍ଡ ଫାକ୍ଟରି, କ୍ରୋମା, କାରାଟ୍‌ଲେନ, ଫାବ୍‌ଇଣ୍ଡିଆ, ଫାଷ୍ଟକ୍ରାଏ, ଗ୍ରୋଫର୍ସ, ହୋମସେଣ୍ଟକ୍ଷଷ୍ପ;ର, ଲୟଡ୍‌ସ, ମୋର୍ ହାଇପରମାର୍କେଟ, ମୋର୍ ସୁପରମାର୍କେଟ, ପାଣ୍ଟକ୍ଷଷ୍ପ;ାଲୁନ୍‌ସ, ସାମସଙ୍ଗ ମୋବାଇଲ ଏବଂ ଟାଟା କ୍ଲିକ୍ ଭଳି ପ୍ରସିଦ୍ଧ ବ୍ରାଣ୍ଡଗୁଡିକରେ ଉପଲବ୍ଧ ହେଉଛି। ଏହି କୌଶଳାତ୍ମକ ସହଭାଗିତା ଗ୍ରାହକଙ୍କୁ ସମସ୍ତ ସପିଙ୍ଗ ବର୍ଗରୁ ଫାଇଦା ଉଠାଇବାକୁ ସମର୍ଥ କରିବ। ଅଫର୍‌ଗୁଡିକ ମଧ୍ୟରେ ଆକର୍ଷଣୀୟ କ୍ୟାସ୍‌ବ୍ୟାକ ଏବଂ ତତ୍‌ସହିତ ୧୦% ପର୍ଯ୍ୟନ୍ତ ତତ୍‌କ୍ଷଣାତ ରିହାତି ଅନ୍ତର୍ଭୁକ୍ତ। ଏସ୍‌ବିଆଇ କାର୍ଡ ମଧ୍ୟ ଫ୍ଲିପକାର୍ଟର 'ଦି ବିଗ୍ ବିଲିଅନ ଡେଜ୍' ଅନ୍‌ଲାଇନ ସପିଙ୍ଗ ଫେଷ୍ଟିଭାଲର ଏକମାତ୍ର କ୍ରେଡିଟକାର୍ଡ ସହଭାଗି ହୋଇଛି, ଯାହା ଭାରତରେ ଅନ୍ୟତମ ସର୍ବବୃହତ ଅନ୍‌ଲାଇନ ସେଲ୍ ଅଟେ। ଏସ୍‌ବିଆଇ କାର୍ଡ ଗ୍ରାହକମାନେ ନିଜ ଘରେ ବସି ଏହି ଅଫର୍ ଅବଧି ସମୟରେ ଫ୍ଲିପକାର୍ଟରେ ୧୦% ତତ୍‌କ୍ଷଣାତ ରିହାତି ସହିତ ଅନ୍ୟ ବିବିଧ ଫାଇଦାର ସୁଯୋଗ ପାଇପାରିବେ। ପାର୍ବଣ ଅଫର୍ ସମ୍ପର୍କରେ ଏସ୍‌ବିଆଇ କାର୍ଡର ଏମ୍‌ଡି ଓ ସିଇଓ ଶ୍ରୀ ଅଶ୍ୱିନୀ କୁମାର ତିୱାରୀ କହିଛନ୍ତି, "ପ୍ରତିବର୍ଷ ଅତ୍ୟନ୍ତ ଯତ୍ନର ସହିତ ଡିଜାଇନ କରାଯାଇଥିବା ଜାତୀୟ ଓ ଆଞ୍ଚଳିକ ଅଫରଗୁଡିକ ଜରିଆରେ ଆମ ଗ୍ରାହକଙ୍କୁ ଉନ୍ନତତର ଅନୁଭୂତି ଏବଂ ସେମାନଙ୍କର ପାର୍ବଣ ସପିଙ୍ଗରେ ଯଥାସମ୍ଭବ ଅଧିକ ସଞ୍ଚୟ କରିବା ସୁଯୋଗ ପ୍ରଦାନ କରିବାକୁ ଆମେ ପ୍ରୟାସ କରିଆସୁଛୁ। ଚଳିତ ବର୍ଷ ଆମେ ଜାତୀୟ ଓ ସ୍ଥାନୀୟ ବ୍ୟବସାୟୀ, ଉଭୟ ଷ୍ଟୋର ମଧ୍ୟରେ ଏବଂ ଅନ୍‌ଲାଇନରେ ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ପ୍ରଦାନ କରୁଛୁ, ଯଦ୍ଦ୍ୱାରା ଆମର କାର୍ଡଧାରୀମାନେ ସମସ୍ତ ବର୍ଗରେ ବିପୁଳ ଫାଇଦା ପାଇବାକୁ ସମର୍ଥ ହେବେ। ଏଥିସହିତ ପାର୍ବଣ ସମୟର କ୍ରୟକୁ ଅଧିକ ସୁଲଭ କରିବା ସକାଶେ ଏସ୍‌ବିଆଇ କାର୍ଡ ଗ୍ରାହକମାନେ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇରେ କିଣାକିଣି କରିବାର ସୁଯୋଗ ନେଇପାରିବେ। କୌଣସି ଅଧିକ ମୂଲ୍ୟ ବିନା ଇଏମ୍‌ଆଇ ସୁବିଧା ଅଧିକ ମୂଲ୍ୟବିଶିଷ୍ଟ ଏବଂ ଲୋକପ୍ରିୟ ଇଲେକଟ୍ରୋନିକ୍ସ ତଥା ମୋବାଇଲ ବ୍ରାଣ୍ଡ୍‌ଗୁଡିକ ନିମନ୍ତେ ମଧ୍ୟ ଉପଲବ୍ଧ ହେଉଛି। ଏହି ଅଫରଗୁଡିକ ଜରିଆରେ ଆମେ ଆମ ଗ୍ରାହକଙ୍କ ପାଇଁ ଏକ ନିରାପଦ ଏବଂ ଲାଭପ୍ରଦ ସପିଙ୍ଗ ଅନୁଭୂତି ପ୍ରଦାନ କରିବା ନେଇ ବହୁତ ଖୁସି ଏବଂ ତାହାଦ୍ୱାରା ସେମାନଙ୍କର ଉତ୍ସବ ପାଳନ ଅଧିକ ଆନନ୍ଦମୟ କରିପାରୁଛୁ।" ଜାତୀୟସ୍ତରର ଅଫର୍ ସହିତ ଏସ୍‌ବିଆଇ କାର୍ଡ ମଧ୍ୟ କ୍ଷୁଦ୍ର ସହର ଓ ନଗରଗୁଡିକରେ ଗ୍ରାହକଙ୍କ ପାଇଁ ଅନେକ ଅଞ୍ଚଳଭିତ୍ତିକ ଏବଂ ଅତିମାତ୍ରାରେ ସ୍ଥାନୀୟ ଅଫର୍ ପ୍ରସ୍ତୁତ କରିଛି। ଉଦାହରଣସ୍ୱରୂପ ଏସ୍‌ବିଆଇ କାର୍ଡ ଦୁର୍ଗାପୂଜା ଓ ନବରାତ୍ରି ଉତ୍ସବ ପାଳନ ସମୟରେ ଆଞ୍ଚଳିକ ବ୍ରାଣ୍ଡ୍‌ଗୁଡିକ ସହିତ ସହଭାଗିତା କରିଛି ଯାହା ୧୭ଟି ସହରରେ ୧୧୦୦ରୁ ଅଧିକ ଷ୍ଟୋରରେ ୧୨୦ରୁ ଅଧିକ ରିହାତି ଅଫର୍ ସହିତ କ୍ୟାସ୍‌ବ୍ୟାକ ଅଫର, ୪୬ଟି ସହରରେ ୧୦%ରୁ ୫୫% ପର୍ଯ୍ୟନ୍ତ ୭୦୦ରୁ ଅଧିକ ଅତିମାତ୍ରାରେ ସ୍ଥାନୀୟ ଅଫର୍ ଜରିଆରେ ଗ୍ରାହକଙ୍କୁ ମହାନ ସଞ୍ଚୟ ଯୋଜନାର ଫାଇଦା ଉଠାଇବାକୁ ସମର୍ଥ କରିବ। ଏଥିସହିତ ସୁଲଭତା ନିଶ୍ଚିତ କରିବା ପାଇଁ ଏସବିଆଇ କାର୍ଡ ଗ୍ରାହକମାନେ ୮୪୫୦୦ ବ୍ୟବସାୟ ପ୍ରତିଷ୍ଠାନ ଏବଂ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇ ସୁବିଧା ପାଇପାରିବେ। ପୁନଶ୍ଚ ଇଲେକଟ୍ରୋନିକ୍ସ ଓ ମୋବାଇଲ ବର୍ଗରେ ୧୪ଟି ବ୍ରାଣ୍ଡ୍ ନିମନ୍ତେ କୌଣସି ଅତିରିକ୍ତ ଖର୍ଚ୍ଚ ବିନା ଇଏମ୍‌ଆଇ ସୁବିଧା ନେଇପାରିବେ।

## ଫୋନ୍‌ପେ ପକ୍ଷରୁ କାର୍ ଓ ବାଇକ୍ ଇନ୍ସ୍ୟୁରାନ୍ସର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଡିଜିଟାଲ ପେମେଂଟ୍ ପ୍ଲାଟ୍‌ଫର୍ମ ଫୋନ୍‌ପେ ପକ୍ଷରୁ ଆଜି ବଜାଜ୍ ଆଲିଏନ୍ସ ଜେନେରାଲ ଇନ୍ସୁରାନ୍ସ ସହ ଘରୋଇ କାର୍ ଓ ଦୁଇଚକିଆ ଯାନ ମାଲିକଙ୍କ ପାଇଁ ନିଜ ପ୍ଲାଟ୍‌ଫର୍ମରେ କାର୍ ଓ ବାଇକ୍ ଇନ୍ସୁରାନ୍ସ ଉତ୍ପାଦର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ୨୩୦ ମିଲିୟନରୁ ଅଧିକ ଫୋନ୍‌ଫେ ଉପଭୋକ୍ତା ବିନା କୌଣସି ବାଧାରେ ୨ ମିନିଟ୍ ମଧ୍ୟରେ ନିଜ କାର୍ ଓ ବାଇକ୍‌ର ଇନ୍‌ସ୍ୟୁରାନ୍ସ କରିପାରିବେ। ଏହା କିଣିବା ପାଇଁ ସେମାନଙ୍କୁ କୌଣସି ଡକ୍ୟୁମେଂଟ୍ ଅପ୍‌ଲୋଡ୍ କରିବାର ଆବଶ୍ୟକତା ନାହିଁ ଏବଂ ଏଥିସହିତ ସେମାନେ ଆପ୍‌ରେ ତତ୍କାଳ ନିଜର ବୀମା କାଗଜପତ୍ର ମଧ୍ୟ ଦେଖିପାରିବେ। ଫୋନ୍‌ପେର କାର୍ ଓ ବାଇକ୍ ଇନ୍ସୁରାନ୍ସ ଉତ୍ପାଦ ବର୍ତମାନର ବଜାର ଦର ଅନୁଯାୟୀ ଉପଲବ୍ଧ ସବୁଠାରୁ ଶସ୍ତା ଉତ୍ପାଦ ମଧ୍ୟରୁ ଅନ୍ୟତମ। ଫୋନ୍‌ପେ'ରେ କାର୍ ଓ ବାଇକ୍ ଇନ୍‌ସ୍ୟୁରାନ୍ସ କରିଥିବା ଗ୍ରାହକମାନେ ବାଧାମୁକ୍ତ ନବୀକରଣ, ଦେଶବ୍ୟାପୀ ଗ୍ୟାରେଜ୍‌ରେ କ୍ୟାଶଲେସ୍ ମରାମତି ଓ ମେଂଟେନାନ୍ସ ସର୍ଭିସ୍ ଓ ୨୦ ମିନିଟ୍ ମଧ୍ୟରେ ସ୍ମାର୍ଟଫୋନ୍-ସାମର୍ଥ୍ୟ କ୍ଲେମ୍ ସେଟେଲ୍‌ମେଂଟ୍ ସୁବିଧା ପାଇପାରିବେ। ଫୋନ୍‌ପେ ଉପଭୋକ୍ତାମାନେ ନିଜର ଆବଶ୍ୟକତା ମୁତାବକ କାର୍ ଇନ୍ସ୍ୟୁରାନ୍ସ ଯୋଜନାର ମୂଲ୍ୟ ଯେପରିକି ଶୂନ୍ୟ ମୂଲ୍ୟହ୍ରାସ, ୨୪x୭ ରୋଡ୍‌ସାଇଡ୍ ସହାୟତା ଓ ଇଞ୍ଜିନ୍ ସୁରକ୍ଷାକୁ ଅନୁକୂଳିତ କରିପାରିବେ। ଶୂନ୍ୟ ମୂଲ୍ୟ ହ୍ରାସ ଯାନବାହନକୁ ଏହାର ଅଂଶର ମୂଲ୍ୟରେ ବାର୍ଷିକ ମୂଲ୍ୟ ହ୍ରାସ ଚିନ୍ତା ନକରି ସୁରକ୍ଷା କରିବାରେ ସାହାଯ୍ୟ କରିଥାଏ ଓ ସମ୍ପୂର୍ଣ୍ଣ କ୍ଲେମ୍ ରାଶି ପେମେଂଟ୍ କରିଥାଏ, ଯାହାଦ୍ୱାରା ଗ୍ରାହକଙ୍କୁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡିନଥାଏ। ଏସମ୍ପର୍କରେ ଫୋନ୍‌ପେ ଇନ୍ସୁରାନ୍ସ ବିଭାଗର ଉପାଧ୍ୟକ୍ଷ ଓ ମୁଖ୍ୟ ଗୁଞ୍ଜନ ଘାଇ କହିଛନ୍ତି, "ଏହି ଦୁଇ ଉତ୍ପାଦ ଗ୍ରାହକଙ୍କ ସମସ୍ତ ଇନ୍ସୁରାନ୍ସ ଆବଶ୍ୟକତା ପାଇଁ ଗୋଟିଏ ଗନ୍ତବ୍ୟସ୍ଥଳ ଓ ଆମର ଲକ୍ଷ୍ୟ ଅନୁରୂପ ଅଟେ। ଆମର ଲକ୍ଷ୍ୟସ୍ଥଳରେ ପହଂଚିବା ଓ ଗ୍ରାହକଙ୍କ ଦୃଷ୍ଟିକୋଣ ସହିତ ଆମେ ମୋଟର ଇନ୍ସୁରାନ୍ସ କିଣିବା ପାଇଁ ଏକ ସରଳ, ଶୀଘ୍ର ଓ ସୁବିଧାଜନକ ଉପାୟ ପ୍ରଦାନ କରୁଛୁ ଓ ସୁଗମ ନବୀକରଣ ମଧ୍ୟ ସକ୍ଷମ କରିଛୁ।" ସେହିପରି ବଜାଜ ଆଲିଆନ୍ସ ଜେନେରାଲ ଇନ୍ସୁରାନ୍ସର ୱେବ୍ ସେଲ୍‌ଓ ଓ ଟ୍ରାଭେଲ୍‌ର ଅଧିକକ୍ଷ ଓ ମୁଖ୍ୟ ସୌରଭ ଚାଟାର୍ଜୀ କହିଛନ୍ତି, "ଆମେ ସବୁବେଳେ ପ୍ରୟାସ କରିଥାଉ ବଜାରରେ ଏଭଳି ବୀମା ଉତ୍ପାଦ ଉପଲବ୍ଧ କରିବା ପାଇଁ, ଯାହା ଗ୍ରାହକଙ୍କ ପାଇଁ ସରଳ, ବୁଝିବାରେ ସହଜ, କ୍ରୟ ଓ ଦାବି କରିବା ପାଇଁ ସହଜ ହୋଇପାରିବ। ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରଦାନକାରୀଙ୍କ ସହ ଆମର ସହଭାଗିତା ସେହି ଦିଗରେ ଆଉ ଏକ ଛୋଟ କିନ୍ତୁ ବିଶାଳ ପଦକ୍ଷେପ। ଭବିଷ୍ୟତରେ ଆମେ ଏହି ପ୍ଲାଟ୍‌ଫର୍ମ ଅନେକ ନୂତନ ଓ ଅଭିନବ ଉତ୍ପାଦ ଗୁନିକ ଶୁଭାରମ୍ଭ କରିବୁ। ଫୋନ୍‌ପେର ଉପଭୋକ୍ତାମାନେ ସେମାନଙ୍କର ବାଇକ୍ ଓ କାରଗୁଡିକୁ କିଛି ସରଳ ପଦକ୍ଷେପରେ ବୀମାଭୁକ୍ତ କରିପାରିବେ।

## ବିଏମଡ଼ବ୍ଲ୍ୟୁ ଜି୩୧୦ଆର ଏବଂ ବିଏମଡ଼ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ

ଭୁବନେଶ୍ୱର: ବିଏମଡ୍‌ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ପକ୍ଷରୁ ଆଜି ଭାରତରେ ଏହାର ନୂଆ ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରାଯାଇଛି। ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସର ଶୁଭାରମ୍ଭ କରିଥିବା ଭାରତ ହେଉଛି ପ୍ରଥମ ଦେଶ। ଉଭୟ ମୋଟରସାଇକେଲ୍ ବିଏମଡ୍‌ବ୍ଲ୍ୟୁ ମୋଟୋରାଡ୍ ଇଣ୍ଡିଆ ଡିଲରସିପ୍‌ଗୁଡିକରେ ଆଜିଠାରୁ ଉପଲବ୍ଧ ହେବ। ନୂଆ ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସରକୁ ଜର୍ମାନୀର ମ୍ୟୁନିକ୍‌ଠାରେ ବିଏମଡ୍‌ବ୍ଲ୍ୟୁ ମୋଟୋରାଡ୍ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଏହାକୁ ଭାରତର ହୋସୁର୍‌ଠାରେ କୋ-ଅପରେଶନ ପାର୍ଟନର ଟିଭିଏସ୍ ମୋଟର କମ୍ପାନୀ ଦ୍ୱାରା ସ୍ଥାନୀୟ ଭାବେ ବିଏସ-ଭିଆଇ ନିୟମ ଅନୁଯାୟୀ ଉତ୍ପାଦନ କରାଯାଇଛି। ଏହାର ଏକ୍ସ-ଶୋ'ରୁମ୍ ମୂଲ୍ୟଗୁଡିକ ଯେପରିକି ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ମାତ୍ର ୨,୪୫,୦୦୦ରେ ଏବଂ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସ ମାତ୍ର ୨,୮୫,୦୦୦ରେ ଉପଲବ୍ଧ ହେଉଛି । ନୂଆ ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସ ଏବେ ବିଏମଡ୍‌ବ୍ଲ୍ୟୁ ଇଣ୍ଡିଆ ଫାଇନାନ୍ସିଆଲ ସର୍ଭିସେସ୍ ମାଧ୍ୟମରେ ଯଥାକ୍ରମେ ମାତ୍ର ୪,୫୦୦ ଏବଂ ୫,୫୦୦ ରୁ ଆରମ୍ଭ ହେଉଥିବା ସମସ୍ତ-ଇନ୍‌କ୍ଲୁସିଭ୍ ମାସିକ ଇନ୍‌ଷ୍ଟଲ୍‌ମେଂଟ୍ ସହିତ ଆକର୍ଷଣୀୟ ଫାଇନାନ୍ସ ସ୍କିମ୍ ବା ଋଣ ଯୋଜନାରେ ଉପଲବ୍ଧ ହେଉଛି । ଏସମ୍ପର୍କରେ ବିଏମଡ୍‌ବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଂଟ୍, ବିକ୍ରମ ପାୱା କହିଛନ୍ତି, ବିଶ୍ୱସ୍ତରରେ ବିଏମଡ୍‌ବ୍ଲ୍ୟୁ ମୋଟୋରାଡ୍ ଉଭୟ ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସ ସହିତ ଦ୍ରୁତ ଅଭିବୃଦ୍ଧିଶୀଳ ସବ -୫୦୦ ସିସି ସେଗ୍‌ମେଂଟ୍‌ରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ହଜାର ହଜାର ଚାଳକ ଓ ଉତ୍ସାହୀମାନଙ୍କ ପାଇଁ,



ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଶୁଦ୍ଧ ମୋଟରସାଇକ୍ଲିଙ୍ଗକୁ ଦୈନନ୍ଦିନ ଜୀବନ ପାଇଁ ପୁନଃପରିଭାଷିତ କରିଥିଲା। ସେହିପରି ଆଡ୍‌ଭେଂଚର୍ ଓ ଆନନ୍ଦ ଚାହୁଁଥିବା ଚାଳକଙ୍କ ପାଇଁ ଅଫ୍-ବିଟ୍ ଟ୍ରାକ୍ ନେବା ପାଇଁ ଏକ ଉପଯୁକ୍ତ କାରଣ ପ୍ରଦାନ କରିଥିଲା। ନିଜର ନୂତନ ଅବତାରରେ ଉଭୟ ମୋଟରସାଇକେଲ୍‌ରେ ଆକର୍ଷଣୀୟ ଡିଜାଇନ୍ ମୋଡିଫିକେସନ, ନୂତନ ଟେକ୍ନୋଲୋଜି ଓ ଉନ୍ନତ ରାଇଡିଙ୍ଗ ଡାଇନାମିକ୍ସକୁ ସାମିଲ କରାଯାଇଛି। ଆମେ ଉଭୟ ବାଇକ୍‌କୁ ଏକ ଆକର୍ଷଣୀୟ ମୂଲ୍ୟ, ଅତୁଳନୀୟ ମାସିକ କିସ୍ତି ଓ ମାଲିକାନା ମୂଲ୍ୟ ହ୍ରାସ ସହ ଶୁଭାରମ୍ଭ କରିଥିଲୁ। କ୍ଲୋଜ୍-ନିଟ୍ ଓ ପ୍ୟାସୋନେଟ୍ ବିଏମଡ୍‌ବ୍ଲ୍ୟୁ ମୋଟୋରାଡ୍ ସମୁଦାୟର ଏକ ଅଂଶ ହେବା ଲାଗି ଏହା ହେଉଛି ଏକ ଚିତାକର୍ଷକ ଆମନ୍ତ୍ରଣ। ଏହା ଏହାଠାରୁ ଅଧିକ ଭଲ ହୋଇପାରିବ ନାହିଁ। ତେଣୁ ଆଗକୁ ବଢନ୍ତୁ ଓ 'ମେକ୍ ଲାଇଫ୍ ଏ ରାଇଡ୍'।" ନୂଆ ବିଏମଡ୍‌ବ୍ଲ୍ୟୁ ଜି୩୧୦ଆର ଓ ବିଏମଡ୍‌ବ୍ଲ୍ୟୁ ଜି୩୧୦ଜିଏସ, ବିଏମଡ୍‌ବ୍ଲ୍ୟୁ ମୋଟୋରାଡ୍ ର ପ୍ରିମିୟମ ଡିଲର ନେଟ୍‌ୱର୍କ ମାଧ୍ୟମରେ ବିକ୍ରି ହେବ ଓ ସର୍ଭିସ୍ କରାଯିବ, ଯାହାକି ଦିଲ୍ଲୀ (ଲ୍ୟୁଟିଏନ୍ସ ମୋଟୋରାଡ୍), ମୁମ୍ବାଇ (ନବ୍‌ନୀତ ମୋଟର୍ସ), ପୁନେ (ବାଭାରିଆ ମୋଟର୍ସ),ଚେନ୍ନାଇ (କେୟୁଏନ ମୋଟୋରାଡ୍), ବେଙ୍ଗାଲୁରୁ (ଟସ୍କର ମୋଟୋରାଡ), ଅହମ୍ମଦାବାଦ (ଗ୍ୟାଲୋପ୍ସ ଅଟୋହାଉସ୍), କୋଚି (ଇଭିଏମ ଅଟୋକ୍ରାଫ୍ଟ), ହାଇଦ୍ରାବାଦ (ଜେଏସପି ମୋଟୋରାଡ୍), ଇନ୍ଦୋର (ମ୍ୟୁନିକ୍ ମୋଟର୍ସ), ଲକ୍ଷ୍ନୌ (ସ୍ୱିଡ୍ ମୋଟର୍ସ), ଚଣ୍ଡୀଗଡ (କ୍ରିଷ୍ଣା ଅଟୋମୋବାଇଲ୍ସ), ଜୟପୁର (ପ୍ରତାପ ମୋଟୋରାଡ୍), ରାୟପୁର (ମନ୍ଧନ ମୋଟର୍ସ), କଟକ (ଓଏସଏଲ ପ୍ରେଷ୍ଟିଜ୍),(ଓଏସଏଲ ପ୍ରେଷ୍ଟିଜ୍),ଓ ରାଂଚି (ଟାଇଟାନିୟମ ଅଟୋସ୍) ଭଳି ଭାରତର ପ୍ରମୁଖ ସହରଗୁଡିକରେ ଉପସ୍ଥିତ ରହିଛି।




## ମୋବାଇଲ୍ ଲୁଟ୍ ଘଟଣାରେ ଖସିଲେ ୨, ଗିରଫ ହେଲେ ୨

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଚୋରମୁହାଁ ଗ୍ରାମର ପାର୍ଥସାରଥୀ ଦାଶଙ୍କ ମୋବାଇଲ୍ ଫୋନ୍‌କୁ କେତେକ ଦୁର୍ବୃତ୍ତ ଗତ ୧୦ ତାରିଖରେ ଖଣ୍ଡିତର ନିକଟ ଖରସ୍ରୋତା ବ୍ରିଜ୍‌ରେ ଛଡ଼ାଇ ନେଇଥିଲେ । ପାଣିକୋଇଲି ପଟୁ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ସେ ଲୁଟ୍‌ର ଶିକାର ହୋଇଥିଲେ । ତେବେ ୧୧ ତାରିଖରେ ଜାରକା ନିକଟ ବ୍ରାହ୍ମଣୀ ବ୍ରିଜ୍ ନିକଟରେ ଲୁଟେରାମାନଙ୍କୁ ଦେଖି ପାର୍ଥସାରଥୀ ସ୍ଥାନୀୟ ଲୋକମାନଙ୍କ ସହାୟତାରେ ଜଣଙ୍କୁ କାବୁ କରି ନେଇଥିଲେ । ଅନ୍ୟମାନେ ଫେରାର୍ ହୋଇ ଯାଇଥିଲେ । ପରେ ସଂପୃକ୍ତ ଲୁଟେରାକୁ ଲୋକେ ପୁଲିସ୍ ଜିମା ଦେଇଥିଲେ । ଲୁଟେରାର ସୂଚନା ଆଧାରରେ ପୁଲିସ୍ ଏଥିରେ ସଂପୃକ୍ତ ଥିବା ଅନ୍ୟ ତିନିଜଣ ସହଯୋଗୀଙ୍କୁ ଥାନାକୁ ଉଠାଇ ଆଣିଥିଲା । ଅଟକ ଚାରିଜଣଙ୍କ ମଧ୍ୟରୁ ସ୍ଥାନୀୟ ଅଂଚଳର ଦୁଇଜଣ ଯୁବକଙ୍କୁ ପୁଲିସ୍ ଗତକାଲି ଛାଡ଼ି ଦେଇଥିବା ବେଳେ ଅନ୍ୟ ୨ଜଣଙ୍କୁ ଗିରଫ କରି ଚଣ୍ଡିଖୋଲ ଚାଲାଣ କରିଥିବା ଜଣାପଡ଼ିଛି । ଏହି ଲୁଟେରା ଦଳ ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଠାରୁ ପାଣିକୋଇଲି ମଧ୍ୟରେ ସୁନାଚେନ୍ ଓ ମୋବାଇଲ୍ ଲୁଟ୍ ଏବଂ ଗୋରୁ ଗାଡ଼ିରୁ ଦାଦାବଟି ଆଦାୟ କରୁଥିବା ଅଭିଯୋଗ ହେଉଥିଲା ।

### ମହିଳାଙ୍କୁ ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା (ପିଏନ୍): ଜେନାପୁର ଥାନା ଅନ୍ତର୍ଗତ କମାଗଡା ଗ୍ରାମର ଜଣେ ମହିଳାଙ୍କୁ ଠେଙ୍ଗାରେ ଆକ୍ରମଣ କରି ଲହୁଲୁହାଣ କରିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ସାମାନ୍ୟ ବଚସାକୁ କେନ୍ଦ୍ର କରି କମାଗଡ ଗ୍ରାମର ସାବିତ୍ରୀ ମଲିକ (୪୦)ଙ୍କୁ ପଡୋଶୀ ଅଂଟିଆ ଗ୍ରାମର ରଂଜନ ପ୍ରଧାନ (୨୦) ଠେଙ୍ଗାରେ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ । ଫଳରେ ସେ ଗୁରୁତର ଆହତ ହେବାରୁ ପରିବାର ଲୋକେ ତାଙ୍କୁ ଗଡମଧୁପୁର ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ । ଏନେଇ ଆହତ ସାବିତ୍ରୀ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକ୍ରମେ ଜେନାପୁର ପୁଲିସ ୩୨୦/୨୨ରେ ଏକ କେଶ ରୁଜୁ କରି ଅଭିଯୁକ୍ତ ରଂଜନ ପ୍ରଧାନଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ଭାରତ ଯୋଡ଼ ଯାତ୍ରା-ଓଡ଼ିଶା ୧୧ତମ ଦିନରେ ବାରିପଦା ସହର ପରିକ୍ରମା କଲା



ଭୁବନେଶ୍ୱର (ପିଏନ୍)-ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ 'ଭାରତ ଯୋଡ଼ ଯାତ୍ରା- ଓଡ଼ିଶା'ର ଯାତ୍ରୀ, ବରିଷ୍ଠ କଂଗ୍ରେସ ନେତା, ମୟୁରଭଂଜ ଜିଲ୍ଲାର କଂଗ୍ରେସ ନେତା ଓ କର୍ମୀ ଏବଂ ମୟୁରଭଂଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ପାଲବଣିଠାରୁ ପ୍ରଭାତରେ 'ଭାରତ ଯୋଡ଼ ଯାତ୍ରା-ଓଡ଼ିଶାର ୧୧ତମ ଦିନର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୟୁରଭଂଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସଙ୍କର ଆୟୋଜନକ୍ରମେ ସମସ୍ତ ଯାତ୍ରୀ ବାରିପଦା ସହରସାରା ପରିକ୍ରମା କରିଥିଲେ। ଏହାପରେ ବିଶୋଇ ବଜାର ମଧ ପରିକ୍ରମ କଲେ। ମୁର୍ଗାବାଡ଼ିଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହାପରେ ସଂଧ୍ୟାରେ ଭାରତ ଯୋଡ଼ ଯାତ୍ରା- ଓଡ଼ିଶା ରାଇରଙ୍ଗପୁର ସହର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ବହୁ ଆଦିବାସୀ ଓ ଦଳିତ ପରିବାର ଏବଂ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହ ମିଶି ଜିଲ୍ଲାର ଅବସ୍ଥା ସଂପର୍କରେ ସିଧାସଳଖ ଅବଗତ ହୋଇଥିଲେ। କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ସମ୍ବୋଧିତ କରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ନବୀନ ଓ ମୋଦି ସରକାର ଅପରାହ୍ନର ନିକଟବର୍ତ୍ତି, ଆଗାମୀ ସକାଳ କଂଗ୍ରେସର। ଭାରତ ଯୋଡ଼ ଯାତ୍ରା-ଓଡ଼ିଶା ୨୨ବର୍ଷର କଳଙ୍କିତ ଶାସନକୁ ଉତ୍ପାଟନ କରିବ। ନବୀନ ସରକାର ନିଜ ଶାସନକାଳ ଭିତରେ ଓଡ଼ିଶାବାସୀଙ୍କ ପ୍ରତି ଯେଉଁ ବିଶ୍ୱାସଘାତକତା କରିଛନ୍ତି, ଆଗାମୀ ପୀଢ଼ିର ଲୋକେ ତାଙ୍କୁ ଜଣେ ଜନସ୍ୱାର୍ଥବିରୋଧୀ, ବିଫଳ, ଉତ୍ପୀଡ଼କ ଶାସକ ଭାବରେ ଚିତ୍ରଣ କରିବେ। ସେ ଓଡ଼ିଶାର ଗାଁ ଗଣ୍ଡା ବୁଲି ନାହାନ୍ତି। ଓଡ଼ିଶାର ମାଟି, ପାଣି, ପବନ ସଂପର୍କରେ ତାଙ୍କର କିଛି ଧାରଣା ହିଁ ନାହିଁ। ୨୨ ବର୍ଷର ନବୀନ ସରକାର କେବଳ ଦୁର୍ନୀତି, ଭ୍ରଷ୍ଟାଚାର, ନାରୀ ନିର୍ଯ୍ୟାତନା, ଲୁଣ୍ଠନକୁ ପ୍ରୋତ୍ସାହନ ଦେଇଛି। ସାଧାରଣ ଜନତା ନବୀନ ସରକାରକୁ ଏକ ପିସି ସରକାର ବୋଲି କହୁଛନ୍ତି। ମୁଖ୍ୟମନ୍ତ୍ରୀ ଯୁବକମାନଙ୍କୁ ପ୍ରତାରିତ କରିଛନ୍ତି, ନିର୍ଯ୍ୟାତିତା ମହିଳାଙ୍କୁ ନ୍ୟାୟ ଦେଇନାହାନ୍ତି, ବଳାତ୍କାରୀଙ୍କୁ ଦଣ୍ଡ ଦେଇପାରିନାହାନ୍ତି, ଦୁର୍ନୀତିଖୋରକୁ ଦଣ୍ଡ ଦେଇନାହାନ୍ତି; ମାତ୍ର କେତେକ ଅନୁଷ୍ଠାନଠାରୁ ଏକନମ୍ବର ମୁଖ୍ୟମନ୍ତ୍ରୀ ଏବଂ ଜୀବନବ୍ୟାପୀ ସାଧନା ପୁରସ୍କାର ପାଇ ଖୁସି ହୋଇଯାଇଛନ୍ତି। ଏଠାରେ ଚାଷୀ ଆତ୍ମହତ୍ୟା, ଧାନର ଅଭାବିବିକ୍ରୀ, ଜଳସେଚନ ବଢ଼ାଇବା କ୍ଷେତ୍ରରେ ବିଫଳତା, ଓଡ଼ିଶାର ଚାଷୀ ଦେଶର ସମସ୍ତ ରାଜ୍ୟର ଚାଷୀଠାରୁ ଗରିବ ବୋଲି ଅପବାଦ ମୁଣ୍ଡାଇବା ପରେ ନବୀନ ସରକାର ଓଡ଼ିଶାର କୃଷିର ବିକାଶ ହୋଇଛି ବୋଲି ଡିଣ୍ଡିମ ପିଟୁଛନ୍ତି।

ମୋଦିଙ୍କ ସ୍ୱପ୍ନ ଯାହା ଥିଲା, ତାହା ଆଜି ବାସ୍ତବରୂପ ନେଇଛି। ସେହି ବାସ୍ତବ ରୂପର ଚିତ୍ର କ'ଣ ତାହା ଆଜି ଭାରତବର୍ଷ ଦେଖୁଛି। ବିଶ୍ୱଖାଦ୍ୟ ସୂଚକାଙ୍କ ଅନୁସାରେ ଭାରତ ଏକ ଭୋକିଲା ଦେଶ, ଭାରତର ଲୋକଙ୍କଠାରୁ ଟଂଟିଚିପି ଟିକସ ଆଦାୟ କରାଯାଉଛି, ମହଙ୍ଗା ମାଡ଼ରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି- ଏ ହେଉଛି ମୋଦିଙ୍କ ଆଛା ଦିନ। ମୋଦି ବର୍ଷକୁ ୨କୋଟି ନିଯୁକ୍ତି ଦେବାକଥା କହିଥିଲେ। ଆଜି କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ୧୦ଲକ୍ଷ ଚାକିରି ଖାଲିପଡ଼ିଛି। କରୋନା ପୂର୍ବରୁ ଦେଶର ବେକାରୀ ସଂଖ୍ୟା ୪୫ ବର୍ଷର ରେକର୍ଡ ଭାଙ୍ଗିଥିଲା। କେବଳ ଭାରତବାସୀଙ୍କୁ ଭୁଆଁ ବୁଲାଯାଉଛି। 'ବିକାଶ' ବିଜେପି ନେତାଙ୍କ ମୁହଁରେ ଏକ ରୋମାଚଂକର ଶବ୍ଦ ମାତ୍ର। ଶାସନ କ୍ଷେତ୍ରରେ ଏ ଶବ୍ଦର ମୂଲ୍ୟ କିଛି ନାହିଁ। ମୋଦି ୨୦୧୪ ରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ସେଥିରୁ ଗୋଟିଏ ବି ପ୍ରତିଶ୍ରୁତି ଠିକ ଭାବେ ପାଳନ କରିପାରିଲେ ନାହିଁ। ସୁତରାଂ କଂଗ୍ରେସର ଭାରତ ଯୋଡ଼ ଯାତ୍ରା – ଓଡ଼ିଶାରେ ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାପାଇଁ ଅଭିପ୍ରେତ। କେନ୍ଦ୍ର ଓ ରାଜ୍ୟ ସରକାରକୃତ ଯନ୍ତ୍ରଣାରୁ ଏ ଦେଶବାସୀଙ୍କୁ ମୁକ୍ତିଦେବାପାଇଁ ମାନ୍ୟବର ରାହୁଲ ଗାନ୍ଧୀଜୀ ଯେଉଁ ଯାତ୍ରା ଆରମ୍ଭ କରିଛନ୍ତି, ତାହା ଏକାନ୍ତ ଅନୁସରଣୀୟ ଏବଂ ଅନ୍ଧକାରରୁ ମୁକ୍ତିପାଇଁ ଏକମାତ୍ର ରାସ୍ତା। ଯଶିପୁରଠାରୁ ଭାରତ ଯୋଡ଼ ଯାତ୍ରା- ଓଡ଼ିଶାର ୧୨ ତମ ଦିନର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ସୁଶିଳା ତିରିଆ, ଗଣେଶ୍ୱର ବେହେରା, ମାନସ ଚୌଧୁରୀ, ଭୁଜବଳ ମାଝୀ, ବନ୍ଦିତା ପରିଡ଼ା, ସରସ୍ୱତୀ ହେମ୍ବ୍ରମ, ପ୍ରଦୀପ ରଥ, ଅରବିନ୍ଦ ଦାସ, ଶ୍ୟାମସୁନ୍ଦର ହାଂସଦା, ନିରୋଜ ଲୋଚନ ଦାସ, ପ୍ରଭାସକର ମହାପାତ୍ର, ବିଜନ କୁମାର ଦାସ, ଅଶୋକ କୁମାର ଗିରି, ଜ୍ୟୋତି ପ୍ରକାଶ ରଥ, ବାଙ୍କନିଧି ବେହେରା, ଗୌରୀ ନାୟକ, ପ୍ରକାଶ ଜେନା, ସଂଜୟ ତ୍ରିପାଠୀ, ବିସ୍ମୟ ମହାପାତ୍ର, ଜ୍ଞାନରଂଜନ ପଟ୍ଟନାୟକ, ଅଜୟ ମହାପାତ୍ର, ସୁବ୍ରତ ମହାପାତ୍ର, ମହମ୍ମଦ ସାହାଦୁଲ୍ଲା, ସୁଶାନ୍ତ ତ୍ରିପାଠୀ, କୈଳାସ ସାହୁ, ବିରେଲ ର୍ସିକା, ସୁବାଷ ପାତ୍ର, ଦୀପକ କୁମାର ମହାପାତ୍ର, ବିଭୁତି ଭୂଷଣ ମହାପାତ୍ର, ନାରାୟଣ ମହାପାତ୍ର, ରାକେଶ ସିଂ, ମୋତିଲାଲ ଦାସ, ଅଂଶୁମାନ ଦାସ, ସୁସ୍ମିତା ଘୋଷାଲ, ଶାନ୍ତନୁ ପାଲ, ପ୍ରଦୀପ ମିଶ୍ର ଓ ବିଜୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଭାରତ ଯୋଡ଼ ଯାତ୍ରା -ଓଡ଼ିଶାର ମିଡ଼ିଆ ଇନଚାର୍ଜ ପ୍ରକାଶ ମିଶ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

### —ଜାତୀୟ ପ୍ରେସ୍ ଦିବସରେ ପ୍ରଧାନମନ୍ତ୍ରୀଙ୍କୁ ଖୋଲା ଚିଠି—

## ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସାମ୍ବାଦିକମାନଙ୍କ ପ୍ରତି ଉଦାସୀନ କାହିଁକି ?



***ସମ୍ମାନାସ୍ପଦ ଶ୍ରୀଯୁକ୍ତ ନରେନ୍ଦ୍ର ଦାମୋଦର ଦାସ ମୋଦୀଜୀ,*** ଦେଶର ସମସ୍ତଙ୍କର ପ୍ରିୟ ତଥା ଆଦରଣୀୟ ପ୍ରଧାନମନ୍ତ୍ରୀ ମହୋଦୟ । ମୋର ସହୃଦୟତାର ସହିତ ଭକ୍ତିପୂତ ପ୍ରଣାମ ଜଣାଉଅଛି । ନିମ୍ନଲିଖିତ ଯଥାର୍ଥ ଦାବିଗୁଡ଼ିକୁ ଯଥାର୍ଥତା ଭିତ୍ତିରେ ବିଚାରକରି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବା ସହିତ ରାଷ୍ଟ୍ରର ସାମ୍ବାଦିକମାନଙ୍କ ପାଇଁ ଏକ ଚମତ୍କାର ଝଲକ୍ ଦେଖାଇବେ ବୋଲି ଆମ୍ଭର ଆଶା ଓ ଭରସା ରହିଛି ।

ଗଣତନ୍ତ୍ର କେବଳ ଏକ ଶାସନ ବ୍ୟବସ୍ଥା ନୁହେଁ । ଏହା ଏକ ନୈତିକ ସିଦ୍ଧାନ୍ତ । ଏକ ମହତ୍ତ୍ୱର ସାମାଜିକ ଜୀବନର ଧାରା। ବ୍ୟକ୍ତିକୁ ସମାଜ ସହିତ, ସମାଜକୁ ରାଷ୍ଟ୍ର ସହିତ ଏକ ସାମୂହିକ ସଦ୍‌ଭାବନାରେ ସଂଯୁକ୍ତ କରିବାରେ ଗଣତନ୍ତ୍ରକୁ ନୀତି ନିର୍ଦ୍ଧାରକ ସୂତ୍ର ଭାବରେ ଗ୍ରହଣ କରାଯାଇଥାଏ । ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଜନମଙ୍ଗଳ ରାଷ୍ଟ୍ରରେ ଜନଗଣଙ୍କ ସହିତ ଯୋଡ଼ିବାରେ ଗଣମାଧ୍ୟମ ହିଁ ସମଗ୍ର ବିଶ୍ୱ ପାଇଁ ବାସ୍ତବ କ୍ଷେତ୍ରରେ ଏକପ୍ରକାର ସେତୁ ଅଟନ୍ତି । ଏହି ସେତୁବନ୍ଧନ ସୁଦୃଢ଼ ତଥା ଅତୁଟ ରହିବାରେ ହିଁ ଗଣତନ୍ତ୍ରର ସଫଳତା । ସେଥିପାଇଁ ଗଣମାଧ୍ୟମକୁ ଅଭିହିତ କରାଯାଇଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ । ଚତୁର୍ଥ ସ୍ତମ୍ଭଟି କୌଣସି କାରଣରୁ ନିଜର ମୌଳିକ ଗୁଣବତ୍ତା ହରେଇ ଦୁର୍ବଳ ହୋଇଗଲେ ଗଣତନ୍ତ୍ରର ସ୍ଥିତି ବିପନ୍ନ ହୋଇ ପଡ଼ିବ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଥିବା ଦୁଇ ପକ୍ଷ ଅର୍ଥାତ୍ ସରକାର-ଜନସାଧାରଣଙ୍କ ମଧ୍ୟରେ ଗଣମାଧ୍ୟମ ସଂଯୋଜକର ଭୂମିକା ଗ୍ରହଣ କରେ । ମାତ୍ର ଏତତ୍‌ବ୍ୟତୀତ ଆମ ସାଧାରଣ ଜନଜୀବନରେ ସଂଘଟିତ ଘଟଣା ବହୁଳ-ଅଘଟଣ, ସୁଖ-ଦୁଃଖର ବର୍ଣ୍ଣନାତୀତ କାହାଣୀକୁ ନେଇ ମଧ୍ୟ ଲୋକଲୋଚନକୁ ଆଣି ଗଣମାଧ୍ୟମ ଏକ ପ୍ରଭାବଶାଳୀ ନେତୃତ୍ୱ, ଭୂମିକା ଗ୍ରହଣ କରିଛି ।

ମୋର ଆପଣଙ୍କଠାରେ ପ୍ରଶ୍ନ ହେଉଛି, ଆମ୍ଭର ରାଷ୍ଟ୍ରକୁ ଗଢ଼ିବା ନା ଭାଙ୍ଗିବା ? ଏକ ସୁସ୍ଥ ସମାଜ ଗଠନ ଦିଗରେ ନିଜର ଦାୟିତ୍ୱ ସମ୍ପାଦନ କରିବା ନା ଅସୁସ୍ଥତାର ସମସ୍ତ ଲକ୍ଷଣ, ବିଲକ୍ଷଣତାର ପ୍ରଚାର ପ୍ରସାର କରି ଜନମଙ୍ଗଳକାରୀ ସମାଜରେ କଳୁଷିତ ବାତାବରଣରେ ଏକ ନକାରାତ୍ମକ ପରିବେଶ ସୃଷ୍ଟି କରିବା-କଣ ହେବ ଗଣମାଧ୍ୟମର ଭୂମିକା ? ଅବଶ୍ୟ ଗଢ଼ିବାକୁ ହେଲେ ଦୀର୍ଘମିଆଦି ସୂତ୍ର । ଭାଙ୍ଗିବାକୁ ହେଲେ ତତ୍‌କ୍ଷଣାତ୍ ହେବ । ଅସୁସ୍ଥତାର ଲକ୍ଷଣକୁ ଅଣଦେଖା କରି ସୁସ୍ଥତାର ବାହାନା କଲେ ଚଳିବ ନାହିଁ ।

ସାମ୍ବାଦିକତାକୁ ଆଧାରକରି ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ସଫଳ ନେତୃତ୍ୱ ଗ୍ରହଣ କରିଥିବା ଜାତିର ପିତା ମହାତ୍ମା ଗାନ୍ଧୀ କହିଛନ୍ତି, ସମ୍ବାଦପତ୍ରର ତିନୋଟି ଲକ୍ଷ୍ୟ ରହିବା ଉଚିତ୍ । (୧) ପ୍ରକୃତ ଜନମତରେ ସଠିକ୍ ଅଧ୍ୟୟନ, (୨) ଦୁର୍ନୀତି ତଥା ସାମାଜିକ ଅବ୍ୟବସ୍ଥା ଇତ୍ୟାଦିର ନିର୍ଭୀକ ପରିବେଷ. (୩) ଗଠନମୂଳକ ଲେଖା ମାଧ୍ୟମରେ ଜନଜାଗରଣ ତଥା ଜନଆନ୍ଦୋଳନର ସୃଷ୍ଟି ।

ଅନେକ ଉଦାହରଣ ଇତିହାସରେ ଲିପିବଦ୍ଧ ଥିବାବେଳେ ଆପଣଙ୍କୁ ସଂକ୍ଷେପରେ ସୂଚାଇ ଦେବାକୁ ଉଚିତ୍ ମନେକରୁଛି । ଭାରତକୁ ଆସିବା ପୂର୍ବରୁ ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା 'ଇଣ୍ଡିଆନ୍ ଓପିନିଅନ୍' । ଭାରତକୁ ଫେରିବା ପରେ ପ୍ରଥମେ ମାସିକ ଗୁଜରାଟୀ ପତ୍ରିକା 'ନବଜୀବନ' ପ୍ରକାଶନ ହାତକୁ ନେଇଥିଲେ । ଜନମଙ୍ଗଳ ପାଇଁ ଦୂରଦୃଷ୍ଟି ରଖି ଗାନ୍ଧିଜୀ ଓକିଲାତିକୁ ନିଜର ସତ୍‌ଚରିତ୍ରବାନ୍ ପେଶା କରିଥିଲେ ମଧ୍ୟ ସତ୍‌ପରିମାର୍ଜିତ ଭାବରେ ପର୍ଯ୍ୟବେଶିତ ନିଶା ଥିଲା ତାଙ୍କର ସାମ୍ବାଦିକତା । ଏବଂ ଏହାକୁ ସାପ୍ତାହିକ ସମ୍ବାଦପତ୍ର କଲେ । ଏହା ସହିତ ଇଂରାଜୀ ମାସିକ 'ୟଙ୍ଗ୍ ଇଣ୍ଡିଆ' ପ୍ରକାଶନ ଆରମ୍ଭ କରିଦେଲେ । ଏହା ପୂର୍ବରୁ 'ସତ୍ୟାଗ୍ରହ' ନାମରେ ଏକ ପତ୍ରିକା ସେତେବେଳର ସମୟରେ ସାଇକ୍ଲୋଷ୍ଟାଇଲ୍ କରାଇ ସ୍ୱାଧୀନତା ସଂଗ୍ରାମର ସତ୍ୟାଗ୍ରହୀମାନଙ୍କ ପାଖରେ ପହଞ୍ଚାଇବାର ସୁବ୍ୟବସ୍ଥା କରିଥିଲେ । ୧୯୩୦ରେ ଗାନ୍ଧିଜୀ ନିଜ ପତ୍ରିକାର ନାମ ବଦଳାଇ 'ହରିଜନ' ନାମରେ ଏକ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶନ ଆରମ୍ଭ କଲେ । ଗାନ୍ଧିଜୀଙ୍କ ବ୍ୟତୀତ ଭାରତର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିବା ଜନନେତାଙ୍କ ମଧ୍ୟରେ ଥିଲେ ଅନେକ ସାମ୍ବାଦିକ । ପଞ୍ଜାବକେଶରୀ ଲାଲା ଲଜପତ୍ ରାୟ, ଲୋକମାନ୍ୟ ବାଲ ଗଙ୍ଗାଧର ତିଳକ, ଦେଶବନ୍ଧୁ ଚିତ୍ତରଞ୍ଜନ, ଯୋଗୀ ଶ୍ରୀ ଅରବିନ୍ଦ, ରାଜଗୋପାଳାଚାରୀ, ନେତାଜୀ ସୁଭାଷ ଚନ୍ଦ୍ର, ଉତ୍କଳମଣି ଗୋପବନ୍ଧୁ, ହରେକୃଷ୍ଣ ମହତାବ, ରାଧାନାଥ ରଥ ଓ ଅଟଳବିହାରୀ ବାଜପେୟୀ ପ୍ରଭୃତିଙ୍କ ନାମ ଆଜି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ଅଟେ । ଦେଶବାସୀଙ୍କ ସ୍ମରଣକୁ ଆସେ ଏହିଭଳି ଯୋଗଜନ୍ମା ମହାପୁରୁଷଙ୍କ ନାମ, ଯେଉଁମାନଙ୍କର ସାରା ବିଶ୍ୱରେ ପରିଚିତି ରହିଥିଲା । ସ୍ୱାଧୀନତା ପରେ ଗଣତାନ୍ତ୍ରିକ ଭାରତବର୍ଷକୁ ଦୃଢ଼ ଶକ୍ତିଶାଳୀ କରି ଗଢ଼ିବା ଦିଗରେ ସାମ୍ବାଦିକମାନଙ୍କର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ସାମ୍ବାଦିକମାନେ ସେହି ଭୂମିକାକୁ ଯଥାର୍ଥ ଭାବରେ ତୁଲାଇଲେ ହିଁ ଗଣମାଧ୍ୟମର ଲକ୍ଷ୍ୟ ସାଧନ ହେବା ସହିତ କିଭଳି ଭାବରେ ଏହାର ଗାରିମା ଅକ୍ଷୁର୍ଣ୍ଣ ରହିବ ସେ ସମ୍ପର୍କରେ ଆପଣ ସିଦ୍ଧାନ୍ତ ଗ୍ରହଣ କରିବେ ବୋଲି ବିଶ୍ୱାସ ଅଛି । ପୁରାଣ ଯୁଗର କଥାକୁ ସୂଚାଇ ଦେବାକୁ ଚାହୁଁଚି । ସାମ୍ବାଦିକମାନଙ୍କୁ ପୁରାଣ ଯୁଗରେ ମହର୍ଷି ଦେବର୍ଷି ନାରଦ ରୂପରେ ଅବତୀର୍ଣ୍ଣ କରାଯାଇଥିଲା ଏବଂ ଦେବତାମାନଙ୍କ ପାଇଁ ଦେବର୍ଷି ନାରଦ ମଧ୍ୟ ଶୁଭ ଉପଦେଷ୍ଟା ଭାବରେ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ, ଦେବତାମାନେ ମଧ୍ୟ ଦେବର୍ଷିଙ୍କ ଉପଦେଶକୁ ସଦା-ସର୍ବଦା ପାଳନ କରୁଥିଲେ । ସେତେବେଳେ ସାମ୍ବାଦିକମାନଙ୍କର କୌଣସି ସଂଗୀନ ସମସ୍ୟା ନଥିଲା ।

କିନ୍ତୁ, ଆଜିର ଯୁଗରେ ସାରା ବିଶ୍ୱ ଏବଂ ଭାରତବର୍ଷ ଏକ ଗଣମାଧ୍ୟମର ଯୁଗ ଭାବରେ ପରିଗଣିତ ହେଉଛି । ଯାହାକି, ଆପଣ ଏହି ମାଧ୍ୟମରେ ଆଜି ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି । ଆପଣଙ୍କୁ ପ୍ରଧାନମନ୍ତ୍ରୀ କରାଇବା ପଛରେ ପ୍ରମୁଖ ଭୂମିକା କେବଳ ଗଣମାଧ୍ୟମ ହିଁ ନିର୍ବାହ କରିଥିଲା । ଗଣମାଧ୍ୟମ ହିଁ ଜନସାଧାରଣଙ୍କୁ ପ୍ରଭାବିତ କରି ୫୦ ଭାଗ ଭୋଟ୍ ସଂଗୃହିତ କରିଥିଲା । ଆହୁରି ମଧ୍ୟ, ଆପଣ ଭଲ ଭାବରେ ଜାଣିଛନ୍ତି ଯେ, ଗଣମାଧ୍ୟମ ଚାହିଁଲେ ଗୋଟିଏ ସରକାରକୁ ଭାଙ୍ଗିଦେଇପାରେ, ଗଢ଼ିଦେଇପାରେ ଏବଂ ବଦଳାଇ ଦେଇପାରେ । ଏହାକୁ ମଧ୍ୟ ଆନ୍ତରିକତାର ସହିତ ହୃଦୟଙ୍ଗମ କରି ଭାରତରତ୍ନ ଅଟଳବିହାରୀ ବାଜପେୟୀ ଥରେ ପୁରୀ ସମ୍ମିଳନୀରେ ପ୍ରକାଶ କରିଥିଲେ । ତାହା ମଧ୍ୟ ଆପଣଙ୍କ ପାଖରେ ପରିଲକ୍ଷିତ ହୋଇଛି । ତେଣୁ ଆଜିର ଯୁଗରେ, ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସାମ୍ବାଦିକମାନଙ୍କ ପ୍ରତି ଆପଣ ଉଦାସୀନ କାହିଁକି ବୋଲି "ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ" ପକ୍ଷରୁ ଆମ୍ଭର ପ୍ରଶ୍ନ ?

ଏବେ ଓଡ଼ିଶା ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସାମ୍ବାଦିକମାନଙ୍କର ଚିହ୍ନଟ ପ୍ରକ୍ରିୟା ତାଲିକା ତ୍ୱରାନ୍ୱିତ ହୋଇନଥିବା ବେଳେ ସ୍ୱାସ୍ଥ୍ୟ ବୀମା ଯୋଜନା ଦୁଇଲକ୍ଷ ଟଙ୍କା ଘୋଷଣା କରି ସାମ୍ବାଦିକମାନଙ୍କୁ ଉପହାସ କରିଛନ୍ତି । ରାଜ୍ୟର ସମସ୍ତ ବ୍ଲକ, ଜିଲ୍ଲା ଏବଂ ରାଜ୍ୟସ୍ତରରେ ଏ ପର୍ଯ୍ୟନ୍ତ ଚିହ୍ନଟ ତାଲିକା ପ୍ରସ୍ତୁତ ହୋଇନାହିଁ । ତରବରିଆ ଭାବରେ ସ୍ୱାସ୍ଥ୍ୟବୀମା ଯୋଜନା ୨ ଲକ୍ଷ ଟଙ୍କା ଘୋଷଣା କରିବା ଯଥାର୍ଥ ଦାବି ନୁହେଁ, ତାହାକୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଦୃଢ଼ ଦାବି କରୁଅଛୁ । ସାଧାରଣ ମହିଳାମାନଙ୍କ ପାଇଁ ରାଜ୍ୟ ସରକାର ସାତଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଯୋଜନା ଘୋଷଣା କରିଥିବାବେଳେ, କେଉଁ ବିଚାରଧାରାରେ ସାମ୍ବାଦିକମାନଙ୍କୁ ଅପମାନିତ କରାଯାଇଛି, ସେଥିନେଇ ଆମ୍ଭେ ମର୍ମାହତ । ସାମ୍ବାଦିକମାନଙ୍କୁ ଅବସର ପରେ ଟଙ୍କାଟିଏ କେହି ଦିଅନ୍ତି ନାହିଁ । ସମାଜସେବା କ୍ଷେତ୍ରରେ ମର୍ଯ୍ୟାଦାସମ୍ପନ୍ନ ଦୃଷ୍ଟିରୁ ଦରମା ମଧ୍ୟ ପାଆନ୍ତି ନାହିଁ । ଯାହା ବିଶ୍ୱରେ କୌଣସି ଦେଶରେ ଏଭଳି ଉଦାସୀନତା ଦେଖାଯାଏ ନାହିଁ । ତେଣୁ ସାମ୍ବାଦିକମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ "ଭାରତୀୟ ସାମ୍ବାଦିକ ସୁରକ୍ଷା ଆଇନ୍" ଗଠନ କରିବା ପାଇଁ ନୂତନ ଭାବେ ପଦକ୍ଷେପ ଗ୍ରହଣ କରି ଅବସର ପରେ ମାସକୁ ୨୫ ହଜାର ଟଙ୍କା ପେନ୍‌ସନ୍, ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହରଣ ବ୍ୟବସ୍ଥା କରିବା ସହିତ ସେଥିମଧ୍ୟରୁ ୨୦ ଭାଗ ଗୃହରଣ ଛାଡ଼ କରିବା ପାଇଁ ଅନୁରୋଧ କରୁଅଛୁ । ସାମ୍ବାଦିକ ପେନ୍‌ସନ୍ କାର୍ଡ଼ ପ୍ରଦାନ, ସାମ୍ବାଦିକ ସଂଘ ମାଧ୍ୟମରେ କେନ୍ଦ୍ର ସରକାର କମିଟି ଗଠନ କରି ଚିହ୍ନଟ ତାଲିକା ଚୂଡ଼ାନ୍ତ କରାଯାଉ । ଟ୍ରେନ୍‌ରେ ୫୦ ଭାଗ ରିହାତି ଦେବା ଆଦି ମୌଳିକ ଦାବିଗୁଡ଼ିକୁ ସହୃଦୟତାର ସହିତ ହୃଦୟଙ୍ଗମ କରି ଉପଯୁକ୍ତ ତଥା ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିଷ୍ପତ୍ତି ନେବାପାଇଁ ପୁଣିଥରେ ଆପଣଙ୍କ ପାଖରେ ବିନମ୍ର ଅନୁରୋଧ କରୁଅଛୁ । ଇତି । ଆପଣଙ୍କୁ ଆନ୍ତରିକ ପ୍ରଣାମ ସହ...

**-ପ୍ରଦୀପ ସେନାପତି, ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ, ଜାତୀୟସ୍ତରର ସାମ୍ବାଦିକ, ଇଣ୍ଡିଆନ୍ ନିୟୁଜ ସାଇଟ୍, ଆନ୍ତର୍ଜାତୀୟ ସ୍ତମ୍ଭକାର, ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର-୨, ଜିଲ୍ଲା-ଖୋର୍ଦ୍ଧା, ମୋ-୭୮୪୮୮୯୮୪୫୬**


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


### ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗରେ ବିଜେପି ପକ୍ଷରୁ ଧାରଣା ପ୍ରଦର୍ଶନ

ବଲାଙ୍ଗୀର,(ପି.ଏନ): ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନରେ ଅନିୟମିତତା ବିରୁଦ୍ଧରେ ବିଜେପି ପକ୍ଷରୁ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ବ୍ଲକରେ ଗତକାଲି ଓ ଆଜି ଧାରଣା ଦିଆଯାଇ ଥିଲା । ବିଜେପି ପକ୍ଷରୁ କୁହାଯାଇଛି ଯେ, ଗରିବଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରବଳ ଅନିୟମିତତା ଦେଖାଦେଉଛି । ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ରାଜ୍ୟ ସରକାର ତଥା ବିଜେଡି ନେତାଙ୍କ ଇଙ୍ଗିତରେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ଏହି ଘର ପ୍ରଦାନ କରାଯାଉଛି ବୋଲି ଅଭିଯୋଗ ହେଉଛି । ବିଜେପି ଦଳ ପୂର୍ବରୁ ମଧ୍ୟ ଏହାକୁ ତିବ୍ର ବିରୋଧ କରି ଆସିଛି । ପ୍ରଧାନମନ୍ତ୍ରୀ ଗରିବଙ୍କୁ ବାସ ଯୋଗାଇ ଦେବା ପାଇଁ ସଦା ତତ୍ପର ରହିଛନ୍ତି । ସେହି ଉଦ୍ଦେଶ୍ୟରେ ରାଜ୍ୟର ଦାବୀରୁ ୧ ଲକ୍ଷ ଅଧିକ ଘର ପ୍ରଦାନ କରିଥିବା ସତ୍ତ୍ୱେ ଅଯୋଗ୍ୟ ଏହାକୁ ମାଡି ବସିଛନ୍ତି । ପ୍ରଶାସନ ୭ ଦିନ ମଧ୍ୟରେ ଏହି ତାଲିକାର ପୁନଃ ତର୍ଜମା କରି ଅଯୋଗ୍ୟଙ୍କୁ ତାଲିକାରୁ ବାଦ ନଦେଲେ ବିଜେପି ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରିବ ବୋଲି ଦଳ ତରଫରୁ ଆଜି ବଲାଙ୍ଗିର ବ୍ଲକ ସମ୍ମୁଖରେ ଧାରଣା ଦିଆଯାଇ କୁହାଯାଇଛି ।

## କଳିଙ୍ଗ ବାଲିଯାତ୍ରାର ସପ୍ତମ ଦିନରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଆୟୋଜିତ

ପାରାଦୀପ (ପିଏନ୍)- ପାରାଦୀପ ବେଳାଭୂମିରେ ୮ଦିନ ଧରି ସଫଳତାର ସହ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବର ସପ୍ତମ ଦିବସରେ ବାଲିଯାତ୍ରା କମିଟି ତରଫରୁ ଏକ ରାଜ୍ୟ ସ୍ତରୀୟ କବି ସମ୍ମିଳନୀ ସ୍ଥାନୀୟ ପାରାଦୀପ ବନ୍ଦର ଅଫସର୍ସ କ୍ଲବ ପରିସରରେ ରବିବାର ସକାଳ ୧୦ଟା ସମୟରେ ଆୟୋଜିତ ହୋଇଯାଇଛି ।

କଳିଙ୍ଗ ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ ଡଃ. କାହ୍ନୁ ଚରଣ ଧିରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ପାରାଦୀପ ବନ୍ଦର ଅବସରପ୍ରାପ୍ତ ଅଧିକାରୀ ତଥା କବି ପ୍ରଭାତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୁନାମଧନ୍ୟ ଔପନ୍ୟାସିକ ଭାଗିରଥି ଦାସ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିମାଇଁ ଚରଣ ସେଠୀ, କବି ଡ. ତନ୍ମୟ ପଣ୍ଡା, ଶୁଭଶ୍ରୀ ଶୁଭସ୍ମିତା ମିଶ୍ର, ଭାରତ ମାଝୀ, ସବିତା ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କଳିଙ୍ଗ ଐତିହ୍ୟ, ପରମ୍ପରା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ କବି ସମ୍ମିଳନୀରେ କଳିଙ୍ଗ ନୌବାଣିଜ୍ୟ ଓ ବାଲିଯାତ୍ରା ଉପରେ ଆଧାରିତ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୭୫ ରୁ ଉର୍ଦ୍ଧ୍ୱ ସୁନାମଧନ୍ୟ କବି ଓ କବୟତ୍ରୀ ଯୋଗ ଦେଇ କବିତା ଆବୃତି କରିଥିଲେ ।

ଏହି ସମସ୍ତ କାର୍ଯ୍ୟକ୍ରମକୁ ଡା. ଦେବଦତ ସାମନ୍ତରାୟ ଓ ସୁଶ୍ରୀ ମମତା କର ସଂଯୋଜନା କରିଥିବା ବେଳେ କବୟତ୍ରୀ ତୁଳସୀ ବରାଳ ଓ ରଶ୍ମିରେଖା ବେହେରା କବିତା ପାଠୋତ୍ସବକୁ ପରିଚାଳନା କରିଥିଲେ । ଶେଷରେ କବି ନଗେନ୍ଦ୍ରନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ତେବେ ଏପରି ଏକ ରାଜ୍ୟ ସ୍ତରୀୟ କବି ସମ୍ମିଳନୀ ଓ କବିତା ପାଠୋତ୍ସବ ସଫଳ ଆୟୋଜନ କରିଥିବାରୁ ସମସ୍ତ ଅତିଥି ଓ କବି ମାନେ କଳିଙ୍ଗ ବାଲିଯାତ୍ରା କମିଟି ଓ ଏହାର ଉପାଧ୍ୟକ୍ଷ ଡଃ. ଧୀରଙ୍କୁ ସାଧୁବାଦ ଜଣାଇବା ସହ ଉଚ୍ଚ ପ୍ରାଶଂସା କରିଥିଲେ ।

ଅନ୍ୟ ପକ୍ଷରେ ଏହି ବାଲିଯାତ୍ରା ମହୋତ୍ସବର ସପ୍ତମ ସନ୍ଧ୍ୟାରେ ରବିବାର ଛୁଟି କାରଣରୁ ଅନ୍ୟ ଦିନ ଅପେକ୍ଷା ବାଲିଯାତ୍ରା ପଡିଆ ଓ ବନ୍ଦର ସହରର ସମସ୍ତ ରାସ୍ତା ବିଳମ୍ବିତ ରାତି ପର୍ଯ୍ୟ' ଲୋକାରଣ୍ୟ ହୋଇ ଜାମ ହୋଇ ପଡିଥିବା ଦେଖିବାକୁ ମିଳିଥିଲା । ତେବେ ଦୀର୍ଘ ବର୍ଷ ହେବ କରୋନା ମହାମାରୀ ଯୋଗୁଁ ଘରେ ବନ୍ଦି ପରି ଅବସ୍ଥାରେ ଥିବା ଜନସାଧାରଣ କୋଭିଡ କଟକଣା ହଟିବା ପରେ ଚଳିତ କଳିଙ୍ଗ ବାଲିଯାତ୍ରା ମହୋତ୍ସବକୁ ମନଭରି ଉପଭୋଗ କରୁଥିବାର ଦେଖିବାକୁ ମିଳିଛି ।

ପାରାଦୀପ ସଂଲଗ୍ନ ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାରୁ ବହୁ ଲୋକ ନିଜ ପରିବାର ସହ ଗାଡିରେ ଭର୍ତ୍ତି ହୋଇ ବାଲିଯାତ୍ରାରେ ବିଭିନ୍ନ ଷ୍ଟଲରେ ଘରକରଣା ଜିନିଷ କିଣିବା ସହ ସୁସ୍ୱାଦୁ ଖାଦ୍ୟର ମଜା ଉଠାଉଛନ୍ତି । ସେହିପରି ବିଭିନ୍ନ କିସମର ଦୋଳି, ପଲ୍ଲିଶ୍ରୀ ମେଳା ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଭରପୁର ଉପଭୋଗ କରୁଥିବା ଦେଖାଯାଉଛି । ସୋମବାର ଏହି ମହୋତ୍ସବର ଅନ୍ତିମ ଦିବସରେ ଆହୁରି ଅଧିକ ଜନସମାଗମ ହୋଇଥିଲା।




# ବଂଚିତ ହିତାଧିକାରୀଙ୍କୁ ପକ୍କାଘର ପ୍ରଦାନ ଦାବୀରେ ଭୁବନେଶ୍ୱର ବ୍ଲକ ଅଫିସ ଘେରାଉ କରିଲା ବିଜେପି

ଭୁବନେଶ୍ୱର, (ପି.ଏନ): ମାଗିବାଠୁ ଅଧିକ ପାଉଛି ଓଡିଶା, ତଥାପି ନିଅଂଟ ! ରାଜ୍ୟରେ ଥିବା ବାସହୀନଙ୍କ ପାଇଁ ଓଡିଶା ସରକାର ୨୭ ଲକ୍ଷ ପକ୍କାଘର ମାଗିଥିଲେ, ଆଉ କେନ୍ଦ୍ରର ମୋଦି ସରକାର ଦେଲେ ୨୮ ଲକ୍ଷ । ଦୁର୍ନୀତିଖୋର ଶାସକ ବିଜେଡିର ଚଂଚକତା କାରଣରୁ ଆଜି ବି ରାଜ୍ୟର ଲକ୍ଷ ଲକ୍ଷ ଲୋକ ବାସହୀନ ହୋଇ ରହିଯାଇଛନ୍ତି । କେନ୍ଦ୍ରୀୟ ଟଙ୍କାକୁ ହଡପ୍ କରି ଶାସକ ବିଜେଡିର ନେତା ଓ ମନ୍ତ୍ରୀମାନେ ଓଡିଶାବାସୀଙ୍କୁ ତାଙ୍କ ନ୍ୟାର୍ଯ୍ୟ ହକ୍ ପାଇବାରୁ ବଂଚିତ ରଖୁଛନ୍ତି । ଦୀର୍ଘ ୨୩ବର୍ଷର ରାଜ୍ୟ ସରକାରଙ୍କ ଏଭଳି ହୀନ କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ । ଦଳୀୟ ଆଧାରରେ ହିତାଧିକାରୀ ଚୟନ କରାଯାଇ ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ରଖାଯାଇଛି । ମନ୍ଦ ଉଦ୍ଦେଶ୍ୟ ରଖି ଗରୀବ ଲୋକଙ୍କୁ ବାସହୀନ କରି ରଖିଥିବା ଶାସକ ବିଜେଡିର ଏଭଳି ଜନବିରୋଧୀ ମନୋଭାବକୁ ବିରୋଧ କରି ଭୁବନେଶ୍ୱର ଜିଲ୍ଲା ତରଫରୁ ଆଜି ବ୍ଲକ ଅଫିସ ଘେରାଓ କରାଯାଇଥିଲା । ଯଥାଶୀଘ୍ର ରାଜ୍ୟ ସରକାର ଚଂଚକତାକୁ ବନ୍ଦ କରି ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦିଅନ୍ତୁ ବୋଲି ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂ କହିଛନ୍ତି ।ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଭୁବନେଶ୍ୱର ଜିଲ୍ଲା ସାଂଗଠନିକ ବିଜେପି ତରଫରୁ ଶହ ଶହ କାର୍ଯ୍ୟକର୍ତା ଏବଂ ପକ୍କାଘର ପାଇନଥିବା ବଂଚିତ ହିତାଧିକାରୀମାନେ ଆଜି ସାମନ୍ତରାପୁରରୁ ଯାଇ ବ୍ଲକ ଅଫିସ ଘେରାଉ କରିଛନ୍ତି । ସେହିପରି ବିଜେଡିର ଗାଲୁଆ ନେତା, ମନ୍ତ୍ରୀ ଓ ବିଧାୟକମାନଙ୍କୁ ସାବଧାନ କରିବା ପାଇଁ ଭାରତୀୟ ଜନତା ପାର୍ଟି ଜାଗ୍ରତ ରହି ଆନ୍ଦୋଳନକୁ ତୀବ୍ରତର କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରୀବ ଲୋକଙ୍କୁ ଘର ଦେବା ନିଷ୍ପତିକୁ ବିଜୁ ଜନତା ଦଳ ଚେଷ୍ଟା କରିବି ଅଟକାଇ ପାରିବ ନାହିଁ । ଯଦି ବି ବିଜେଡି କଳେ ବଳେ କୌଶଳ କ୍ରମେ ଅଟକାଏ ତାହାଲେ ଓଡ଼ିଶାବାସୀ କ୍ଷମା କରିବେ ନାହିଁ । ଆବାସ ପାଇଁ ମାହାଙ୍ଗାରେ ବିଜେପି ନେତାଙ୍କ ପ୍ରାଣ ମଧ୍ୟ ଯାଇଛି । ସାଧାରଣ ଗରୀବ, ଖଟିଖିଆ ଯୋଗ୍ୟ ହିତାଧିକାରୀମାନଙ୍କୁ ଆବାସ କିପରି ପାଇବେ ସେ ନେଇ ବିଜେପି ଆପ୍ରାଣ ଉଦ୍ୟମ ଜାରୀ ରଖିବ ବୋଲି ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଜିଲ୍ଲା ସାଧାରଣ ସଂପାଦକ ହିଂମାଶୁ ଶେଖର ଛୋଟରାୟ, ଦିଲ୍ଲୀପ ବେହେରା, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଉପେନ୍ଦ୍ର ଭଞ୍ଜ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସୋୟଂ ସେବକ ରାୟ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ମନ୍ଦାକିନି ପାତ୍ର, ଜିଲ୍ଲା ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ରଣସିଂ, ଅଞ୍ଜନ ନାଥ, ଅରୁଣ ପୁରହିତ, ଜିତେନ୍ଦ୍ର ମହାନ୍ତି, ଜଗନ୍ନାଥ ବେହେରା, ଅମରଜ୍ୟୋତି ଜଗଦେବ, ସୋୟଂଭୁ ପଟ୍ଟନାୟକ, ଜିଲ୍ଲା ଉପସଭାପତି ରାଜେନ୍ଦ୍ର ଦାସ, ଧିରେନ ପାତ୍ର, ତୃପ୍ତିମଇ ମକଦ୍ଦମ, ସୁର ଜେନା, ମନରଞ୍ଜନ ସ୍ୱାଇଁ, ଜିଲ୍ଲା ସମ୍ପାଦକ ଉର୍ଣ୍ଣତି ପରିଡା, ତାପସ ଦଳାଇ, ବିନ୍ଦୁଲତା ବଳିୟାରସିଂ, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୁଭାସିନୀ ପୃଷ୍ଟି, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁନୀଲ ପ୍ରଧାନ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ମନୋଜ ପଶ୍ଚିମକବାଟ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବିକ୍ରମ ପ୍ରଧାନ, ଜିଲ୍ଲା କାର୍ଯ୍ୟକର୍ତା ସୁଶାନ୍ତ ସାବତ, ସ୍ୱାଗତ ମହାପାତ୍ର, କୃଷ୍ଣ ଚନ୍ଦ୍ର ବଟୁ, ଅଭିଷେକ ନାୟକ, ସୁନିତା ପତି, ସଂଯୁକ୍ତା ପଢ଼ିଆରୀ, ସୁମିତ୍ରା ଆଚାର୍ଯ୍ୟ, ଜ୍ୟୋତିରେଖା ନାୟକ, ଗୀତାଞ୍ଜଳି ବେହେରା, ଜ୍ୟୋତ୍ରୀମଇ ଅଗ୍ରୱାଲ, ଏସସି ମୋର୍ଚ୍ଚା ସଭାପତି ଆଲୋକ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, (ପି.ଏନ): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସାଇଟି ଫର ଉଇକର କମ୍ୟୁନିଟି ଦ୍ୱାରା ପରିଚାଳିତ ଚାଇଲଡ ଲାଇନ୍ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁଙ୍କ ସଭାପତିତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ କିଶୋରୀ ସ୍ୱାସ୍ଥ୍ୟ, ସେମାନଙ୍କ ଶିକ୍ଷା ଦିଗରେ ସବୁ ବର୍ଗର ଲୋକଙ୍କ ମଧ୍ୟରେ ସଚେତନତା ପାଇଁ ମିଳିତ ଉଦ୍ୟମ ଏକ ବଳିଷ୍ଠ ପଦକ୍ଷେପ ହେବ ବୋଲି ମତ ପ୍ରକାଶ ପାଇଥିଲା । ରାଷ୍ଟ୍ରୀୟ ପରିବାର ସର୍ବେକ୍ଷଣ ଅନୁସାରେ 'ବେଟି ପଢାଓ, ବେଟି ବଚାଓ' କାର୍ଯ୍ୟକ୍ରମ ସମ୍ପର୍କରେ ଗୁରୁତ୍ୱାରୋପ କରି ଲୋକମାନଙ୍କୁ ସଚେତନ କରାଇବା ଦିଗରେ ଆହୁରି ପଦକ୍ଷେପ ନିଆଯିବା ଉଚିତ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟା ମୌସୁମୀ ମହାନ୍ତି, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭାରତୀ ରାଉତ, ଏପିଏମ୍ (ଏନ୍ଏଚ୍ଆର୍ଏମ, ଅର୍ବାନ) ଇତିଶ୍ରୀ ଦାସ, ଲେଡି ହେଲ୍‌ଥ ଭିଜିଟର ମାଳତୀ ଲତା ବେହେରା ପ୍ରମୁଖ ଯୋଗ ଦେଇ ଜନ ସଚେତନତା ନେଇ ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଚାଇଲଡ ଲାଇନ୍ ନିର୍ଦ୍ଦେଶକଙ୍କ ପ୍ରତିନିଧି ରିୟାଜ ଅହମ୍ମଦ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଚାଇଲଡ ଲାଇନ୍‌ର ସଦସ୍ୟ ରମାକାନ୍ତ ଜେନା ଚାଇଲଡ୍ ଲାଇନ୍‌ର ଲକ୍ଷ୍ୟ ଏହାର ଗଠନ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବାସନ୍ତୀ ସେଠୀ, ସାହିନ୍ ଖାଁ, ପ୍ରଶାନ୍ତ ମହାପାତ୍ର ପରିଚାଳନା କରିଥିଲେ ।

# ଗୋଳାପୋଖରୀରେ ଦମକଳକେନ୍ଦ୍ର ନୂତନଗୃହ ନିର୍ମାଣ ପାଇଁ ଜମି ଚିହ୍ନଟ, ପ୍ରଶାସନ ଓ ପୁଲିସର ଉପସ୍ଥିତିରେ ସରିଲା ଲେଆଉଟ କାର୍ଯ୍ୟ

ଭଦ୍ରକ, (ପି.ଏନ): ଭଦ୍ରକ ଜିଲା ତିହିଡ଼ି ତହସିଲ ଅଧୀନ ଗୋଳାପୋଖରୀ ମୌଜାରେ ବହୁ ବାଦ ବିବାଦ ପରେ ଶେଷରେ ଦମକଳ କେନ୍ଦ୍ର ନୂତନ ଗୃହ ନିର୍ମାଣ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି । ପରେ ଏହି ଜମିରେ ପ୍ରଶାସନ ଓ ପୁଲିସ ଉପସ୍ଥିତିରେ ଗୃହ ନିର୍ମାଣ ପାଇଁ ଲେଆଉଟ କାର୍ଯ୍ୟ ମଧ୍ୟ ସରିଯାଇଛି । ଶନିବାର ସକାଳେ ଦମକଳ କେନ୍ଦ୍ର ନୂତନ ଗୃହ ନିର୍ମାଣ ପାଇଁ ପୂର୍ବ ନିର୍ଦ୍ଧାରିତ ଜମିରେ ଲେଆଉଟ ଦେବାକୁ ପ୍ରଶାସନ ଯାଇଥିଲା । ତେବେ ସେଠାରେ ଫତେପୁର ସରପ ପ୍ରଦୀପ ବଳଙ୍କ ସମେତ ସ୍ଥାନୀୟ କିଛି ପୁରୁଷ ଓ ମହିଳା ଏହାକୁ ବିରୋଧ କରିଥିଲେ । ଯେଉଁ ଜମିରେ ଦମକଳ କେନ୍ଦ୍ର ଗୃହ ନିର୍ମାଣ ହେବାକୁ ପଟ୍ଟା ମିଳିଥିଲା ସେହି ଜମି ଖେଳପଡ଼ିଆ ଭାବେ ବ୍ୟବହୃତ ହେଉଥିବାରୁ ଲୋକମାନେ ଖେଳପଡ଼ିଆରେ ଦମକଳକେନ୍ଦ୍ର ଗହ କରାଇ ନଦେବାକୁ କହିଥିଲେ । ଯାହାଫଳରେ ଉପସ୍ଥିତ ଥିବା ଓଡ଼ିଶା ମୁଖ୍ୟ ଆଗ୍ନିକ ରମେଶ ଚନ୍ଦ୍ର ମାଝୀ, ଅତିରିକ୍ତ ଆଗ୍ନିକ ରମେଶ ଚନ୍ଦ୍ର ବେହେରା, ତହସିଲଦାର ପ୍ରତୀକ କୁମାର ସାହୁ ଓ ତିହିଡ଼ି ଥାନା ଅଧିକାରୀ ତପନ କୁମାର ପ୍ରଧାନ, ତିହିଡ଼ି ଦମକଳ କେନ୍ଦ୍ର ଅଧିକାରୀ ଆଲୋକଦେବ ଗୋସ୍ୱାମୀ, ପୁଲିସ ହାଉସିଂ ନିଗମର ମ୍ୟାନେଜର ଆନନ୍ଦ ଚନ୍ଦ୍ର ପଣ୍ଡା, ସରପ ପ୍ରଦୀପ ବଳ ପ୍ରମୁଖ ଆଲୋଚନା କରି ପୂର୍ବରୁ ନିର୍ଦ୍ଧାରିତ ଥିବା ଜମି ନିକଟରେ ଥିବା ୨୪୧ ପ୍ଲଟର ୪୯ ଡେସିମିଲ ଓ ଅନ୍ୟ ଏକ ପାଖ ପ୍ଲଟ ୫୧୧ ଜମିରୁ ୨୪ ଡେସିମିଲ ଚିହ୍ନଟ କରାଯାଇଥିଲା । ପରେ ଏହି ଜମିରେ ଲେଆଉଟ କରାଯାଇ ଗୃହ ନିର୍ମାଣ ପାଇଁ ପ୍ରସ୍ତୁତି ନିଆଯାଇଛି । ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖିଆଗରେ ରଖି ପୁଲିସ ଫୋର୍ସ ମୁତୟନ କରାଯାଇଥିବା ସହିତ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥି ସହିତ ଦମକଳ କେନ୍ଦ୍ରର କର୍ମଚାରୀ ଓ ତହସିଲ ସୁପର ଭାଇଜର, ରାଜସ୍ୱନିରୀକ୍ଷକ, ଅମିନଙ୍କ ସହିତ ପୂର୍ବତନ ସରପ ସୁରେନ୍ଦ୍ର କୁମାର ନାୟକ, ବାସୁଦେବପୁର ବିଧାୟକ ପ୍ରତିନିଧି ବାପୁଜୀ ନାୟକ, ଗଣେଶ ନାୟକ, କୈଳାସ ରାଉଳ, ପ୍ରବୀର ନାୟକ, ଛନ୍ଦାଚରଣ ନାୟକ, ଉମାକାନ୍ତ ସେଠୀ, ପ୍ରଦୀପ ଦାସ, ସୌମ୍ୟରଂଜନ ପରିଡ଼ା, ନିତ୍ୟାନନ୍ଦ ବେହେରା, ଧାମନଗର ବିଧାୟକ ପ୍ରତିନିଧି ଦେବେନ୍ଦ୍ର ପୁହାଣ ସମିତିସଭ୍ୟ ଶୁକଦେବ ମଳିକ, ପ୍ରତାପ ଜେନା, ଦେବବ୍ରତ ପାଢ଼ୀ, ଅଜୟ ମହାପାତ୍ର, ଉତ୍ତମ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଜମି ଚିହ୍ନଟ କରିଥିଲେ ।

## ଆଇନସେବା ପ୍ରାଧିକରଣ ତରଫରୁ ଅନାଥ ପିଲାଙ୍କୁ ଥଇଥାନ

କେନ୍ଦ୍ରାପଡ଼ା, (ପି.ଏନ): ରାଜନଗର ବ୍ଲକ ଅନ୍ତର୍ଗତ ପୋଖରିଆପଡା ଗ୍ରାମର ୪ ବାପା ଛେଉଣ୍ଡ ପିଲାଙ୍କୁ ଥଇଥାନ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ବ୍ୟବସ୍ଥା କରାଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ମାନ୍ୟବର ଜିଲ୍ଲା ଦୌରାଜଜ ବିଶ୍ୱଜିତ୍ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧିକରଣର ସଚିବ ଶ୍ରୀମତୀ ସୁମିତ୍ରା ସାହୁ ରାଜନଗର ସ୍ଥିତ ପୋଖରିଆପଡା ଗ୍ରାମର ସ୍ୱର୍ଗତ ବିଶ୍ୱମ୍ଭର ବାରିକଙ୍କ ଘରକୁ ଯାଇ ସେଠାରେ ଦୟନୀୟ ଅବସ୍ଥାରେ ରହୁଥିବା ଏହି ୪ ଅନାଥ ଶିଶୁଙ୍କ ଅବସ୍ଥା ପର୍ଯ୍ୟବେକ୍ଷଣ କରିଥିଲେ । ଏହି ପିଲାମାନଙ୍କ ବାପା ମୃତ୍ୟୁବରଣ କରିବା ପରେ ମା ଏମାନଙ୍କୁ ଛାଡି କୁଆଡେ ପଳାଇଛନ୍ତି । ଏକ ଭଙ୍ଗା କୁଡିଆ ଘରେ ରହୁଥିବା ଏହି ଶିଶୁ ମାନଙ୍କର ଖାଦ୍ୟପେୟ, ବାସସ୍ଥାନ, ପାଠପଢା, ମେଡିକାଲ ସୁବିଧା ଇତ୍ୟାଦି ସଂପର୍କରେ ପିଲା ମାନଙ୍କୁ ପଚାରି ବୁଝିବା ସହିତ ପ୍ରଶାସନିକ ଅଧିକାରୀ ମାନଙ୍କ ସହିତ ଯୋଗାଯୋଗ କରି ଏହି ଶିଶୁ ମାନଙ୍କର ସମସ୍ତ ବ୍ୟବସ୍ଥା କରିଥିଲେ । ତତ୍ ସହିତ ପିଲା ମାନଙ୍କର ସମସ୍ତ ମୌଳିକ ସୁବିଧା କିପରି ସୁଚାରୁ ରୂପେ ପାଇପାରିବେ ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏହି ପିଲା ମାନଙ୍କର ଜେଜେଙ୍କର ବାର୍ଦ୍ଧକ୍ୟ ଭତା ଓ ରାସନ କାର୍ଡର ମଧ ସୁବିଧା କରିଥିଲେ । ଏହି କାର୍ଯ୍ୟକ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ, ସଭ୍ୟା ଓ ଶିଶୁ ସୁରକ୍ଷାର କର୍ମଚାରୀଙ୍କ ସମେତ ଆଇନ ସେବା ପ୍ରାଧିକରଣର କର୍ମଚାରୀ ଶ୍ରକାନ୍ତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ ।

## କ୍ଷେତମଜଦୁର ଓ କୃଷକ ବିରୋଧୀ କେନ୍ଦ୍ରୀୟ ବଜେଟ ବିରୋଧରେ ପ୍ରତିବାଦ ସଭା

ଭଦ୍ରକ, (ପି.ଏନ): ଭଦ୍ରକ ଅପର୍ତିବିନ୍ଧା ଛକ ଠାରେ ଓଡିଶା କ୍ଷେତମଜଦୁର ୟୁନିୟନ ଓ ଓଡିଶା କୃଷକ ସଭା ପକ୍ଷରୁ ମିଳିତ ଭାବେ ଜନ ବିରୋଧୀ କେନ୍ଦ୍ରୀୟ ବଜେଟକୁ ବିରୋଧ କରି ପ୍ରତିବାଦ କରିଛନ୍ତି ।କ୍ଷେତମଜଦୁର ୟୁନିୟନର ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତା ମାନେ କହିଛନ୍ତି ଯେ କେନ୍ଦ୍ର ସରକାର ଦ୍ୱାରା ଆଗତ ବଜେଟରେ କୃଷକ ଓ କୃଷି ଶ୍ରମିକ ମାନଙ୍କୁ ପ୍ରତାରଣା କରାଯାଇଛି । ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୪୦% ବଜେଟ କାଟି ଦିଆଯାଇଥିବା ସ୍ଥଳେ କୃଷକ ମାନଙ୍କ ଫସଲ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଇ ନାହିଁ । ବେକାରୀ ଯୁବକ ଯୁବତୀ ମାନଙ୍କ ନିଯୁକ୍ତି ପାଇଁ କୌଣସି ବ୍ୟୟ ବରାଦ ନାହିଁ । ଏହି ବଜେଟରେ କର୍ପୋରେଟ ଟିକସକୁ କୋହଳ କରା ଯାଇଛି ବୋଲି ବକ୍ତା ମାନେ ଅଭିଯୋଗ କରି ଏପରି ଏକ ଜନ ବିରୋଧୀ ବଜେଟକୁ ପ୍ରତ୍ୟାହାର କରିବାକୁ ଆହ୍ୱାନ ଦିଆଯାଇଛି ।ଓଡିଶା କୃଷକ ସଭାର ରାଜ୍ୟ ସହସମ୍ପାଦକ ବିକାଶ ନାଥ, କ୍ଷେତମଜଦୁର ୟୁନିୟନର ଜିଲ୍ଲା ସମ୍ପାଦକ ଗିରିଧାରୀ ନାଥ, କିଷାନ ସଭା ଭଦ୍ରକ ଜିଲ୍ଲା ସଂପାଦକ ପ୍ରଭାସ ମହାପାତ୍ର, ଶ୍ରମିକ ନେତା ଦିବ୍ୟସିଂହ ନାୟକ, ତିହିଡି ଅଂଚଳର ନେତା ବିଷ୍ଣୁ ଦାସ, ଚାନ୍ଦବାଲି ବ୍ଲକ ନେତା ମଳୟ ଭୋଇ ବକ୍ତବ୍ୟ ପ୍ରଦାନ କରି ବିଜେପିର ଜନ ବିରୋଧୀ ବଜେଟକୁ ତୀବ୍ର ସମାଲୋଚନା କରିଥିଲେ ।

# ତ୍ରିଦିବସୀୟ ଅଖିଳ ଭାରତୀୟ ରୂପକ ମହୋତ୍ସବର ଉଦ୍ୟାପନୀ ଦିବସ

ପୁରୀ,(ପି.ଏନ):କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ଆନୁକୂଲ୍ୟରେ ଶ୍ରୀ ସଦାଶିବ ପରିସର ଦ୍ୱାରା ପୁରୀ ପୌରସଦନ ଠାରେ ତ୍ରିଦିବସୀୟ ଅଖିଳ ଭାରତୀୟ ରୂପକ ମହୋତ୍ସବର ଉଦ୍ୟାପନୀ ଦିବସରେ ଏକଲବ୍ୟ ପରିସର, ଅଗରତାଲାର ବିର୍ଦ୍ୟାଥୀମାନଙ୍କ ଦ୍ୱାରା ବିଖ୍ୟାତ ବିଜୟମ୍ ଏବଂ ଶ୍ରୀ ସଦାଶିବ ପରିସର, ପୁରୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କ୍ରିଷ୍ଣକୁତୁହଳମ୍ ରୂପକ ମଂଚସ୍ଥ ହୋଇଥିଲା । ତତ୍ପରେ ପ୍ରଦୀପ ପ୍ରଜ୍ୱଳନ ସଙ୍ଗେ ଶ୍ରୀ ଜଗନ୍ନାଥ ଆଦର୍ଶ ବେଦ ବିଦ୍ୟାଳୟର ଶିଷ୍ୟମାନଙ୍କଦ୍ୱାରା ବେଦଗାନ କରାଯାଇ ଉଦ୍ୟାପନୀ ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ସ୍ୱାଗତଭାଷଣ ପ୍ରଦାନ କରିଥିଲେ ଶ୍ରୀ ସଦାଶିବ ପରିସରର ନିର୍ଦ୍ଦେଶକ ଏବଂ ଅଖିଳ ଭାରତୀୟ ରୂପକ ମହୋତ୍ସବର ସଂଯୋଜକ ପ୍ରଫେସର ଖଗେଶ୍ୱର ମିଶ୍ର । ମୁଖ୍ୟ ଅତିଥି ରୂପେ ସଙ୍ଗୀତ ନାଟକ ଏକାଡେମୀର ସଭାପତି ଡକ୍ଟର ସନ୍ଧ୍ୟା ପୁରେଚା ଏବଂ ସମ୍ମାନିତ ଅତିଥିରୂପେ ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବାରଣାସୀର ପ୍ରାକ୍ତନ କୁଳପତି ପ୍ରଫେସର ଅଭିରାଜ ରାଜେନ୍ଦ୍ର ମିଶ୍ର ଯୋଗଦେଇଥିଲେ । ଏହି ସଭାର ସଭାପତିତ୍ୱ କରିଥିଲେ , କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର କୁଳପତି ତଥା ଅଖିଳ ଭାରତୀୟ ରୂପକ ମହୋତ୍ସବର ସମନ୍ୱୟକ ପ୍ରଫେସର ଶ୍ରୀନିବାସ ବରଖେଡ଼ି । ତ୍ରିଦିବସ ବ୍ୟାପି ଅନୁଷ୍ଠିତ ହୋଇଥିବା ମହୋତ୍ସବରେ ୧୨ଗୋଟି ରୂପକ ମଂଚସ୍ଥ ହୋଇଥିଲା । ପରିଶେଷରେ ବିଚାରକ ମଣ୍ଡଳୀମାନଙ୍କ ଦ୍ୱାରା ଶ୍ରୀ ସଦାଶିବ ପରିସର, ପୁରୀ ପ୍ରଥମ ସ୍ଥାନ, ଜୟପୁର ପରିସର, ରାଜସ୍ଥାନ ଏବଂ ଗୁରୁବାୟୁରୁ ପରିସର, କେରଳ ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନ ଓ ବେଦବ୍ୟାସ ପରିସର, ହିମାଚଳ ପ୍ରଦେଶ ଏବଂ ରାଜୀବ ଗାନ୍ଧୀ ପରିସର, କର୍ଣ୍ଣାଟକ ଯଗ୍ମଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।ଏହି ରୂପକ ମହୋତ୍ସବରେ, ପ୍ରଫେସର ଅତୁଲ କୁମାର ନନ୍ଦ, ପ୍ରଫେସର ବଳଦେବାନନ୍ଦ ସାଗର, ପ୍ରଫେସର ଲୋକମାନ୍ୟ ମିଶ୍ର, ପ୍ରଫେସର ସର୍ବନାରାୟଣ ଝା, ପ୍ରଫେସର ୱାଇ.ଏସ୍. ରମେଶ, ପ୍ରଫେସର ଏସ୍.କେ.ସେନାପତି, ପ୍ରଫେସର ବନମାଳି ବିଶ୍ୱାଳଙ୍କ ସମେତ ବିଚାରକମଣ୍ଡଳୀଙ୍କ ସହ ବହୁ ମାନ୍ୟଗଣ୍ୟ ବିଦ୍ୱାନଗଣ ଏବଂ ସଦାଶିବ ପରିସରର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଧ୍ୟାୟୀମାନେ ଉପସ୍ଥିତ ଥିଲେ । ପରିଶେଷରେ ପ୍ରଫେସର ଅତୁଲ କୁମାର ନନ୍ଦଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା, ଏବଂ ଏହି ଉତ୍ସବକୁ ଡକ୍ଟର ମଧୁକେଶ୍ୱର ଭଟ୍ଟ ଏବଂ ଡକ୍ଟର ଧର୍ମେନ୍ଦ୍ର କୁମାର ସିଂଦେଓ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମର ସହ ସଂଯୋଜକ ଅଧ୍ୟାପକ ବିଶ୍ୱନାଥ ମିଶ୍ରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା ।

## କିଡ୍‌ନୀ ଜନିତ ରୋଗରେ ପିଡ଼ିତ ଯୁବକଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ଭଦ୍ରକ, (ପି.ଏନ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଫତେପୁର ପ ାୟତ ଅଧୀନ ଗୋଳାପୋଖରୀ ଗ୍ରାମର ଇତିକାନ୍ତ ବେହେରା (୨୭) ନାମକ ଜଣେ ଯୁବକ କିଡ୍‌ନୀ ରୋଗରେ ପିଡ଼ିତ ହୋଇଛନ୍ତି । ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ଚିକିତ୍ସା ପାଇଁ ଅର୍ଥ ପାଇ ପାରୁନାହାନ୍ତି । ତାଙ୍କ ରୋଜଗରକ୍ଷମ ବାପା ଅଳ୍ପଦିନ ତଳେ ମୃତ୍ୟୁବରଣ କରିଛନ୍ତି । ପରିବାର ପ୍ରତିପୋଷଣ ପାଇଁ ଅର୍ଥ ଅଭାବ ଥିବା ବେଳେ ଇତିକାନ୍ତଙ୍କ ଚିକିତ୍ସା ପାଇଁ ଅର୍ଥ ମିଳିବା କଷ୍ଟସାଧ ହୋଇ ପଡ଼ିଛି । କିଛିଦିନ ତଳେ ତାଙ୍କର ଆଖିକୁ ନଦିଶିବାରୁ ସେ ପରୀକ୍ଷା ନିରୀକ୍ଷା କରାଇଥିଲେ । ପରୀକ୍ଷା ନିରୀକ୍ଷା ପରେ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ବୋଲି ଜଣା ପଡ଼ିଥିଲା । ତେବେ ଚିକିତ୍ସା ପାଇଁ ବହୁ ଅର୍ଥର ଆବଶ୍ୟକ ଥିବାରୁ କୌଣସି ସହୃଦୟ ବ୍ୟକ୍ତି, ସମାଜସେବୀମାନେ ରୋଗର ଚିକିତ୍ସା ପାଇଁ ଅର୍ଥ ଦାନ କଲେ ଯୁବକ ଜଣକ ଆରୋଗ୍ୟ ହୋଇପାରିବେ । କିଡ୍‌ନୀ ପିଡ଼ିତ ଇତିକାନ୍ତଙ୍କୁ ସହାୟତ ଦେବା ପାଇଁ ତାଙ୍କର ଷ୍ଟେଟ ବ୍ୟାଙ୍କ

# ମୁଖ୍ୟ ବିଚାରପତି ଙ୍କ ଦ୍ୱାରା ନୂତନ କୋର୍ଟର ଭିତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ

ପୁରୀ ,(ପି.ଏନ):ବୈଷୟିକ ଜ୍ଞାନର ଉପଯୋଗ ସହ ନ୍ୟାୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଓଡିଶା ବିଚାର ବିଭାଗ ସମଗ୍ର ଦେଶରେ ଦୃଷ୍ଟାନ୍ତ ହୋଇ ପାରିଛି । ଏପରିକି ସର୍ବୋଚ୍ଚ ନ୍ୟାୟାଳୟ ର ମୁଖ୍ୟ ବିଚାରପତି ମଧ୍ୟ ଏହି ପ୍ରକ୍ରିୟା ପାଇଁ ଓଡ଼ିଶା ବିଚାର ବିଭାଗ କୁ ପ୍ରଶଂସା କରି ସମଗ୍ର ଦେଶରେ ଏହି ପ୍ରକ୍ରିୟା କୁ ଲାଗୁ କରିବା ପାଇଁ ମତ ଦେଇଛନ୍ତି । ଆଜି ପୂର୍ବାହ୍ନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ର ମୁଖ୍ୟ ବିଚାରପତି ମାନ୍ୟବର ଡଃ ଜଷ୍ଟିସ ଏସ ମୁରଲୀଧର, ହାଇକୋର୍ଟର ବିଚାରପତି ତଥା ପୁରୀ ଜିଲ୍ଲା ର ପ୍ରଶାସନିକ ବିଚାରପତି ଜଷ୍ଟିସ ବି ଆର ଷଡ଼ଙ୍ଗୀ ଙ୍କ ଉପସ୍ଥିତି ରେ ପୁରୀ ଜିଲ୍ଲାର କୋଣାର୍କ ଠାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଏବଂ ପୁରୀ ଓ ବ୍ରହ୍ମଗିରି ଠାରେ ଗ୍ରାମ ନ୍ୟାୟାଳୟ ର ନୂତନ ବିଲ୍ଡିଂ ନିର୍ମାଣ ନିମିତ ଭିତି ପ୍ରସ୍ତର ସ୍ଥାପନ ଓ ପୁରୀ ନୂତନ ସିଭିଲ କୋର୍ଟ ପରିସରରେ ନବ ନିର୍ମିତ ଅସୁରକ୍ଷିତ ସାକ୍ଷୀ ସଂରକ୍ଷଣ କେନ୍ଦ୍ର ବା ଭିଡବ୍ଲୁଡିସି ର ଉଦଘାଟନ କରିଥିଲେ । ନ୍ୟାୟ ପ୍ରକ୍ରିୟା ରେ ସ୍ୱଚ୍ଛତା ରକ୍ଷା, ସମୟ ର ଅପଚୟ କୁ ରୋକିବା,ଖର୍ଚ୍ଚ ହ୍ରାସ, ହିତାଧିକାରୀ ଙ୍କୁ ଯଥା ଶୀଘ୍ର ନ୍ୟାୟ ପ୍ରଦାନ କରିବା, ବୈଷୟିକ ଜ୍ଞାନ ର ଭରପୁର ଉପଯୋଗ କରିବା ନ୍ୟାୟ ବିଭାଗର ପ୍ରାଥମିକତା ବୋଲି ମୁଖ୍ୟ ବିଚାରପତି କହିଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଦୌରା ଜଜ ଶିତିକଣ୍ଠ ସାମଲ , ଜିଲ୍ଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଏସ ପି ମିହିର କୁମାର ପଣ୍ଡା, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଓ ପୁରୀ ଜିଲ୍ଲା ର ପ୍ରମୁଖ ଆଇନଜୀବୀ ମାନେ ଉପସ୍ଥିତ ଥିଲେ ।

## ଶବ ନେଇ ଆମ୍ବୁଲାନ୍ସ ଠିଆ ହେଲା ୬ ଘଣ୍ଟା, ପ୍ରଶାସନ ହସ୍ତକ୍ଷେପରେ ଅନ୍ୟତ୍ର ହେଲା ସଂସ୍କାର

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆଠାରେ ଜଣେ କରୋନା ସଂକ୍ରମିତଙ୍କର ମୃତ୍ୟୁ ହେବାପରେ ପ୍ରଶାସନ ତରଫରୁ ଅସ୍ଥାୟୀ ଭାବରେ ନିର୍ଦ୍ଧାରଣ କରାଯାଇଥିବା ଶ୍ମସାନରେ ଶବଦାହ କରିବାକୁ ବିରୋଧ କରି ଅଂଚଳବାସୀ ଶବ ନେଇଥିବା ଆମ୍ବୁଲାନ୍ସକୁ ୬ ଘଣ୍ଟା ଧରି ଅଟକାଇବା ସହିତ ସେଠାରେ ଶବଦାହ କରିବାକୁ ବିରୋଧ କରିବାରୁ ଅଡୁଆରେ ପଡିଥିଲେ ମୃତକଙ୍କ ପରିବାର ଲୋକେ । ଫଳରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପହଂଚି ଲୋକଙ୍କୁ ବୁଝାସୁଝା କରିବାପରେ ମଧ୍ୟ ସେଠାରେ ଥିବା ଲୋକମାନେ ସବୁବେଳେ ଯାତାୟାତ କରୁଥିବାରୁ ସେଠାରେ କୋଭିଡ୍ ରୋଗୀର ଶବକୁ ପୋଡିବାକୁ ବିରୋଧ କରିଥିଲେ । ଫଳରେ ପ୍ରଶାସନ ଓ ପୋଲିସ ଉଦ୍ୟମରେ ଅନ୍ୟ ଏକ ଜନଶୂନ୍ୟ ତଥା ଜନବସତି ଠାରୁ ଦୂରବର୍ତି ସ୍ଥାନରେ ଶବକୁ ସଂସ୍କାର କରାଯାଇଛି । ସୂଚନା ଅନୁସାରେ, ଗତକାଲି ଫୁଲବାଣୀ କୋଭିଡ ହସାପିଟାଲରେ ଚିକିତ୍ସିତ ଅବସ୍ଥାରେ ଫିରିଙ୍ଗିଆ ଅଂଚଳର ଭାଗବତ ବେହେରା(୬୫)ଙ୍କର ମୃତ୍ୟୁ ହୋଇଥିଲା । କୋଭିଡ ହସପିଟାଲ କର୍ତୃପକ୍ଷ ଆଜି ଭୋର ସମୟରେ ମୃତକଙ୍କର ପରିବାର ଲୋକଙ୍କ ଘରକୁ ନେଇ ଏକ ଆମ୍ବୁଲାନ୍ସରେ ଶବକୁ ହସ୍ତାନ୍ତର କରିବା ସହିତ ଫିରିଙ୍ଗିଆରେ ପ୍ରଶାସନ ଦ୍ୱାରା ଅସ୍ଥାୟୀ ଭାବରେ ସ୍ଥିରିକୃତ ଶ୍ମସାନରେ ଶବକୁ ଦାହ ସଂସ୍କାର କରିବାକୁ ନେଇଥିଲେ । ଏହା ଜାଣିବାରେ ସେହି ଆଖପାଖରେ ଥିବା ମଝିପଡା, ଫିରିଙ୍ଗିଆ ଉପରପଡା, ନାହାନାଗାଁ, ଘାଟିସାହି ଆଦି ଅଂଚଳରେ ଥିବା ଲୋକମାନେ ସେଠାରେ କରୋନା ରୋଗୀଙ୍କ ଶବ ଦାହ କରିବାକୁ ବିରୋଧ କରିବା ସହିତ କିଛି ସମୟପାଇଁ ସେହି ଅଂଚଳରେ ଥିବା ମଝିପଡା ଘାଟି ନିକର ରାସ୍ତାରେ ରାସ୍ତାରୋକ କରିଥିଲୋ । ଫଳରେ ସେଠାରେ ଥିବା କାଶୀନିପଦର ଓ ଫିରିଙ୍ଗିଆ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା । ଖବର ପାଇବାପରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପୁଲିସ ଫୋର୍ସ ସହ ସେଠାରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ । ସେଠାରେ ନେତୃସ୍ଥାନୀୟ ବ୍ୟକ୍ତି ମାନଙ୍କର ସହାୟତାରେ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରାଯାଇଥିଲ । ହେଲେ ସେମାନେ ଏଥିରେ ରାଜି ନହେବାରୁ ମଝିପାଡା ଘାଟି ନିକଟରେ ଥିବା ଏକ ନିରୋଳା ଯାଗାରେ ଶବକୁ ସଂସ୍କାର କରାଯାଇଥିଲା । ମୃତ ଭାଗବତ ବେହରୋ ଫିରିଙ୍ଗିଆ ଅଂଚଳର ଜଣେ ଜଣାଶୁଣା ବ୍ୟବସାୟୀ ହୋଇଥିବାରୁ ତାଙ୍କ ବିୟୋଗରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଶୋକରେ ଆଜି ଫିରିଙ୍ଗିଆର ସମସ୍ତ ଦୋକାନ ବଜାର ବନ୍ଦ ରହିଛି ।

## ମୁକୁନ୍ଦପୁରରେ ଅଗ୍ନିକାଣ୍ଡ, ୧ବଖରା ଘର ସହ ଧାନ ଗଦା ଜଳିଗଲା

ଭଦ୍ରକ, (ପି.ଏନ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନରେ ମୁକୁନ୍ଦପୁର ପ ାତ ଅଧୀନ ମୁକୁନ୍ଦପୁର ଗ୍ରାମରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି । ଏହି ଅଗ୍ନିକାଣ୍ଡରେ ଗ୍ରାମର ସୁଧାକର ମହାଳିକଙ୍କର ୧ବଖରା ଘର ସହିତ ପ ାନନ ମହାଳିକ, ଦୁର୍ଯ୍ୟୋଧନ ମହାଳିକ ଓ ନିରଂଜନ ମହାଳିକଙ୍କର ୪ଟି ଧାନଗଦା ଓ ୪ଟି ଛ'ଣଗଦା ସଂପୂର୍ଣ୍ଣ ଭସ୍ମୀଭୂତ ହୋଇ ଯାଇଛି । ଅଗ୍ନିକାଣ୍ଡ ଖବର ପାଇ ତିହିଡ଼ି ଦମକଳ ବାହିନୀ ଘଟଣା ସ୍ଥଳରେ ପହ ନିଆଁକୁ ଆୟ କରିଥିଲା । ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପ ି ନଷ୍ଟ ହୋଇଥିବା କୁହାଯାଉଛି । ତେବେ ଖଦଗଦାରୁ ନିଆଁ ଉଠି ଅଗ୍ନିକାଣ୍ଡ ଘଟିଥିବା ଜଣାଯାଇଛି । ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଅଗ୍ନିକାଣ୍ଡ ସ୍ଥଳରେ ପହ କ୍ଷୟକ୍ଷତି ଆକଳନ କରିଛନ୍ତି ।



2023-2024
ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2023
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

୨୫ତମ ସ୍ୱନକ୍ଷତ୍ର ଦିବସ ଅଭିନନ୍ଦନ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Tuesday February 07, 2023 ଭୁବନେଶ୍ୱର ମଙ୍ଗଳବାର, ଫେବୃଆରୀ ୦୭,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ପ୍ରଥମ ଏନ୍‌ବିଏ ମାନ୍ୟତାପ୍ରାପ୍ତ ପଲିଟେକ୍‌ନିକ ମଧ୍ୟରେ କିଟ୍ ପଲିଟେକ୍‌ନିକ୍

ଭୁବନେଶ୍ୱର,(ପି.ଏନ): ପ୍ରଥମ ଥର ପାଇଁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧୀନ ନ୍ୟାସ୍‌ନାଲ୍ ବୋର୍ଡ ଅଫ୍ ଆକ୍ରିଡିଟେସନ୍ (ଏନ୍‌ବିଏ) ମାନ୍ୟତା ପ୍ରାପ୍ତ ପଲିଟେକ୍‌ନିକ୍ ମଧ୍ୟରେ କିଟ୍ ପଲିଟେକ୍‌ନିକ୍ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛି। ଏନ୍‌ବିଏ ପକ୍ଷରୁ କିଟ୍ ପଲିଟେକ୍‌ନିକର ୩ଟି ଡିପ୍ଲୋମା ଇଂଜିନିୟରିଂ ପାଠ୍ୟକ୍ରମକୁ ଏହି ମାନ୍ୟତା ପ୍ରଦାନ କରାଯାଇଛି। ବାଞ୍ଛିତ ଲକ୍ଷ୍ୟ ହାସଲ କରିବାରେ ଅନୁଷ୍ଠାନର କାର୍ଯ୍ୟକ୍ରମ, ସଂରଚନା ଓ ସଫଳତା ଆଦିକୁ ଏନ୍‌ବିଏ ସ୍ୱୀକୃତି ମିଳିଛି। ଏନ୍‌ବିଏର ୬ଜଣିଆ ବିଶେଷଜ୍ଞ ଦଳ ୨୦୨୨ ନଭେମ୍ବର ମାସରେ କିଟ୍ ପଲିଟେକ୍‌ନିକ ପରିଦର୍ଶନ କରି ବିଭିନ୍ନ ମାନଦଣ୍ଡ ଆଧାରରେ ଆକଳନ ଓ ପର୍ଯ୍ୟାଲୋଚନା କରିଥିଲେ। ବିଶେଷକରି ଗୁଣାତ୍ମକ ଶିକ୍ଷାଦାନ, ଅଧ୍ୟାପକ-ଅଧ୍ୟାପିକାଙ୍କ ଅବଦାନ, ଜ୍ଞାନ ଓ ଦକ୍ଷତାରେ ଛାତ୍ରର ଅଗ୍ରଗତି, ଭିତ୍ତିଭୂମି ଓ ପ୍ରଶାସନିକ କାର୍ଯ୍ୟକଳାପ ଆଦି ମାନଦଣ୍ଡ ଆଧାରରେ




ଏହି ମାନ୍ୟତା ପ୍ରଦାନ କରାଯାଇଛି। ପୂର୍ବରୁ କିଟ୍ ପଲିଟେକ୍‌ନି କ୍ୟୁସିଆଇ ନାବେଟ୍ ର୍ୟାଙ୍କିଂରେ ଓଡ଼ିଶାର ଉଭୟ ସରକାରୀ ଓ ବେସରକାରୀ ପଲିଟେକନିକ୍ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। କିଟ୍ ପଲିଟେକ୍‌ନିକ୍‌ର ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କିଟ୍ ରୌପ୍ୟ ଜୟନ୍ତୀ ବର୍ଷ ପାଳନ କରୁଥିବା ଅବସରରେ ଏଭଳି ସଫଳତା ନିଶ୍ଚିତ ଭାବେ ଛାତ୍ରଛାତ୍ରୀଙ୍କୁ ଆହୁରି ପ୍ରେରଣା ଯୋଗାଇବ ବୋଲି ଶ୍ରୀ ସାମନ୍ତ କହିଛନ୍ତି।

## ବନ ବିଭାଗର ଚଢଉ : ଅଧା ତିଆରି ଘରୋଇ ଆସବାବପତ୍ର ଜବତ

ବଲାଙ୍ଗିର, (ପି.ଏନ): ଲାଠୋର ରେଞ୍ଜ ର କର୍ମଚାରୀମାନେ ଏକ ଅଧା ତିଆରି ଡାଇନିଂ ସେଟ୍, ଏକ ଟେବୁଲ୍, ଚେୟାର (ସାତ), ଏକ ଅଧା ତିଆରି ସୋଫା ସେଟ୍, ଏକ ଟି ପୟ, ଶାଗୁଆନ ପ୍ଲାଙ୍କ୍ (ସାତ) ସହିତ ଶାଗୁଆନ ଗଣ୍ଡି (ତିନି) ଲାଠୋର ବିଭାଗର ଖରଲି ଗ୍ରାମ ନିକଟରେ ଗତକାଲି ଜବତ କରିଛନ୍ତି। ଘଟଣାରେ ଜଣେ ଅଭିଯୁକ୍ତ ନବିନ ନାଗଙ୍କୁ ଗିରଫ କରାଯାଇଥିଲା। ଜବତ ସାମଗ୍ରୀକୁ ରେଞ୍ଜ ଅଫିସ୍ କ୍ୟାମ୍ପସକୁ ଅଣାଯାଇଥିଲା। ଏନେଇ ବିଭାଗ ପକ୍ଷରୁ ଅଧିକ ଅନୁସନ୍ଧାନ ଚାଲିଛି। ରେଞ୍ଜ ଅଫିସ ର ମିସ୍ ପ୍ରଭାତୀ ସେଠଙ୍କ ନିର୍ଦ୍ଦେଶ କ୍ରମେ ସମୀର ରଂଜନ ମହାପାତ୍ର, ଫରେଷ୍ଟର, ହିତେଶ ମାଝୀ, ଫରେଷ୍ଟ ଗାର୍ଡ, ଶ୍ରୀ ଇନ୍ଦ୍ରମଣି ବେହେରା ଫରେଷ୍ଟ ଗାର୍ଡ, ମିସ୍ ପରିମିତା ମହାଲିଙ୍ଗ, ଫରେଷ୍ଟ ଗାର୍ଡଙ୍କ ସହିତ ଲାଠୋର ରେଞ୍ଜ ର ପାରା ଷ୍ଟାଫ ଏହି ଚଢ଼ଉ ରେ ସାମିଲ ଥିଲେ।

## ଗୋପାଳପୁର ଗ୍ରାମରେ ଅଷ୍ଟ ପ୍ରହର ନାମଯଜ୍ଞ ମହା ସମାରୋହରେ ପାଳିତ



ଦର୍ପଣ,(ପିଏନ): ଚଣ୍ଡିଖୋଲ ସନ୍ନିକଟ ଗୋପାଳପୁର ଗ୍ରାମରେ ଦୀର୍ଘ ୫୦ବର୍ଷରୁ ଉର୍ଦ୍ଧ୍ୱ ଧରି ପ୍ରଭୁଙ୍କ ନାମଯଜ୍ଞ ହୋଇଆସୁଅଛି। ଚଳିତମାସ ଅଗ୍ନିପୂର୍ଣ୍ଣିମାର ପୂର୍ବଦିନ ରାତ୍ର ସମୟରେ ଗୋପାଳପୁର ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଓ କର୍ତ୍ତା ଗ୍ରାମର ଏକ ପୋଖରୀକୁ ଯାଇ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରି କଳରେ ପୂର୍ଣ୍ଣଜଳ ଆଣି ଅଷ୍ଟପ୍ରହରୀ କୁଞ୍ଜଠାରେ ପହଞ୍ଚାଇଥିଲେ। ଅଗ୍ନିପୂର୍ଣ୍ଣମୀ ଦିନ ପ୍ରାତଃ ସମୟରୁ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ନାମ ଧରି ସାରିବା ପରେ ସନ୍ଧ୍ୟା ସମୟରେ ବିଭିନ୍ନ ଗ୍ରାମରୁ ୧୦ଗୋଟି ସଂକୀର୍ତ୍ତନ ମଣ୍ଡଳୀ ସେଠାରେ ପହଞ୍ଚି ରାଧାକୃଷ୍ଣ ଙ୍କ ଓ ପ୍ରଭୁ ଶ୍ରୀରାମଙ୍କର ସଂକୀର୍ତ୍ତନ ରାତ୍ର ୧୨ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ଅଷ୍ଟପ୍ରହର ନାମ ଯଜ୍ଞଠାରେ ବହୁ ପରିମାଣରେ ପୁରୁଷ ଓ ମହିଳାମାନେ ପହଞ୍ଚି ପ୍ରଭୁଙ୍କର ଆର୍ଶୀବାଦ ଭିକ୍ଷା କରିଥିଲେ। ପ୍ରଭୁ ଶ୍ରୀଚୈତନ୍ୟ ଓଡ଼ିଶା ଆସି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ସରଣାପନ୍ନ ହୋଇ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ କଲେ ସମସ୍ତେ ପ୍ରଭୁଙ୍କର ନିକଟରେ ପହଞ୍ଚିପାରିବେ। ସେ ନେଇ ଏବେ ପ୍ରତ୍ୟେକ ଗ୍ରାମରେ ପ୍ରାୟ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇ ଆସୁଅଛି। ଆଜି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଓ କର୍ତ୍ତା ପ୍ରଭୁଙ୍କୁ ଏକ ସୁସଜ୍ଜିତ ବିମାନରେ ବସାଇ ସିଦ୍ଧିପୁର, ନୂଆପଡ଼ା, ଗୋପାଳପୁର ଓ ଗାନ୍ଧୀଛକ ପରିଭ୍ରମଣ କରାଇ ନଗରକୀର୍ତ୍ତନ କରିଥିଲେ।

## ବନ ବିଭାଗର ଚଢଉ : ଶାଗୁଆନ ଓ ଗମ୍ଭାରୀ କାଠ ଖଣ୍ଡ ଜବତ

ବଲାଙ୍ଗିର, (ପି.ଏନ): ବଲାଙ୍ଗୀର ରେଞ୍ଜ ର କର୍ମଚାରୀମାନେ ହର୍ଡ଼ଟାଲ ବିଭାଗର ମାଗୁରବେଡା ଗ୍ରାମ ନିକଟରେ ୨୨ଟି ଶାଗୁଆନ ପ୍ଲାଙ୍କ ଏବଂ ୧୭ ଟି ଗମ୍ଭାରୀ ପ୍ଲାଙ୍କ ଜବତ କରିଛନ୍ତି। ଜବତ ସାମଗ୍ରୀକୁ ରେଞ୍ଜ ଅଫିସ୍ କ୍ୟାମ୍ପସକୁ ଅଣାଯାଇଥିଲା। ଏନେଇ ଅଧିକ ଅନୁସନ୍ଧାନ ଚାଲିଛି।

କେଶବ କିଶୋର ନାୟକ, ରେଞ୍ଜ ଅଫିସରଙ୍କ ନିର୍ଦ୍ଦେଶରେ ହରିବଂଶ ପଧାନ, ଫରେଷ୍ଟର; ବସନ୍ତ ମହାକୁର, ଫୋରେଷ୍ଟ ଗାର୍ଡ ସହିତ ବଲାଙ୍ଗୀର ରେଞ୍ଜ ର ପାରା ଷ୍ଟାଫ୍ ମାନେ ଏହି ଚଢ଼ଉରେ ସାମିଲ ଥିଲେ।

## କେନ୍ଦ୍ରାପଡା ହେବ ସୁକନ୍ୟା ସମୃଦ୍ଧି ଜିଲ୍ଲା-ଜିଲ୍ଲାପାଳ

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ଡାକ ମଣ୍ଡଳ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ କେନ୍ଦ୍ରାପଡା ମୁଖ୍ୟ ଡାକଘର ପରିସରରେ ଜିଲ୍ଲା ସ୍ତରୀୟ ସୁକନ୍ୟା ସମୃଦ୍ଧି ମେଳା ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଅମ୍ରିତ ଋତୁରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିବା ସହ ଏକ ବର୍ଷରୁ ୧୦ ବର୍ଷ ବୟସ ମଧ୍ୟରେ ଜିଲ୍ଲାରେ ଥିବା ସମସ୍ତ କନ୍ୟା ସନ୍ତାନ ମାନଙ୍କ ଭବିଷ୍ୟତ ସୁରକ୍ଷା, ପାଠପଢା ଓ ବିବାହ ଆଦି ସମସ୍ୟାର ସମାଧାନ ପାଇଁ ଏହି ଯୋଜନା ଅଧିକ ଉପାଦେୟ ହେବ ବୋଲି ବକ୍ତବ୍ୟ ରଖିଥିଲେ। କେନ୍ଦ୍ରାପଡା ଡାକ ମଣ୍ଡଳ ଅଧିକ୍ଷକ ଦେବରାଜ ସେଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶଙ୍କର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଡାକ ଅଧିକ୍ଷକ ପରମେଶ୍ୱର ନାୟକ ଅତିଥି ପରିଚୟ ଦେବା ସହ ମଂଚ ପରିଚାଳନା କରିଥିଲେ। ଡାକ ଅଧିକ୍ଷକ ଶ୍ରୀ ନାୟକ ଏହି ଯୋଜନାର ସୁଫଳ ଓ କାର୍ଯ୍ୟକାରିତା ଉପରେ ବକ୍ତବ୍ୟ ରଖିବା ସହ ଜିଲ୍ଲାରେ ଥିବା ୧ ଲକ୍ଷ ୧ ହଜାର କନ୍ୟା ସନ୍ତାନଙ୍କୁ ଚଳିତ ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ଏହି ସୁକନ୍ୟା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଜିଲ୍ଲାକୁ ସୁକନ୍ୟା ସମୃଦ୍ଧି ଜିଲ୍ଲା ଭାବେ ଘୋଷଣା କରାଯିବାକୁ ଉଦ୍ୟମ ଜାରି ରହିଛି ବୋଲି ସୂଚନା ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୭୦ ହଜାର ସୁକନ୍ୟା ଯୋଜନା ଆକାଉଣ୍ଟ ଖୋଲାଯାଇ ଥିବାବେଳେ ଜିଲ୍ଲାର ୨୮୭ଟି ପୋଷ୍ଟ ଅଫିସରେ ଆଜି ଗୋଟିଏ ଦିନରେ ୧୫ହଜାର ଆକାଉଣ୍ଟ ଖୋଲାଯାଇ ଥିବା ଓ ଅବଶିଷ୍ଟ ମାର୍ଚ୍ଚ ମାସ ମଧ୍ୟରେ ପୁରଣ କରାଯିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ୨୮ ଜଣ ଆକାଉଣ୍ଟ ଧାରୀଙ୍କୁ ପାସବୁକ ପ୍ରଦାନ କରା ଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଡିପିସି (ମମତା) ମନୋରଞ୍ଜନ ଦାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଡାକ ନିରୀକ୍ଷକ ଗୌରୀଶ କୁମାର ଜେନା, ଆଦିତ୍ୟ କୁମାର ଜେନା ଓ ବହୁ ଅଙ୍ଗନବାଡି କର୍ମୀ ଓ ମୁଖ୍ୟ ଡାକଘର ର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ପୋଷ୍ଟମାଷ୍ଟର ଜ୍ଞାନଚାନ୍ଦ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସାହିତ୍ୟିକ ଡ଼ ହୁସେନ୍ ରବି ଗାନ୍ଧୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳୀ ସଭା

ଦର୍ପଣ,(ପିଏନ୍): ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ (କବି, ଲେଖକ ଡ଼ ହୁସେନ୍ ରବି ଗାନ୍ଧୀଙ୍କ) ତିରୋଧାନର ନବମୀ ଦିବସରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଯାଜପୁର ଜିଲ୍ଲା ପାଲାଗାୟକ ପରିଷଦ ଆନୁକୂଲ୍ୟରେ ଚଣ୍ଡିଖୋଲ ଛକଠାରେ ଜିଲ୍ଲାଗାୟକ ପରିସଦର ସଂପାଦକ ଗୟାଧର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳୀ ସଭାରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଡ଼ ବିଧୂଭୂଷଣ ପଣ୍ଡା ମୁଖ୍ୟବକ୍ତା ଭାବେ, ଅଧ୍ୟାପକ ବିଜୟ କେତନ ସାମଲ, ଅନିଲ କୁମାର ଦାସ, ଗାୟକ ରବୀନ୍ଦ୍ର ପଣ୍ଡା, ଗାୟକ ରଜନୀକାନ୍ତ ପୃଷ୍ଟି, ଗାୟକ ଅଜୟ ବଳ, ଗଣେଶ୍ୱର ସିଂହ, ଅଜୟ ଶତପଥୀ, କୁଶାସନ ରାୟ, ବାସୁଦେବ ମିଶ୍ର, ଅନିରୁଦ୍ଧ ପଣ୍ଡା, ସୁରେନ୍ଦ୍ର ନାୟକ, କବି ନିରଞ୍ଜନ ଜେନା ପ୍ରମୁଖ ଅନେକ ପାଲା କଳାକାର ଯୋଗଦେଇଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ହୁସେନ ରବି ଗାନ୍ଧୀଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ୧ମିନିଟ୍ ପାଇଁ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାଥନା କରିଥିଲେ। ହୁସେନ ରବି ଗାନ୍ଧୀ ଜଣେ ଲେଖକ, ସାହିତ୍ୟିକ ଓ କବି ଭାବରେ ସାରା ଓଡ଼ିଶା ରାଜ୍ୟରେ ପ୍ରିୟତାଅର୍ଜନ କରିଥିଲେ। ସେ ମଧ ଓଡ଼ିଶା ଯୁବ ଲେଖକ ସମ୍ମିଳନୀର ଅଧକ୍ଷତା ଦାୟିତ୍ୱ ବହନ କରି ସାରା ରାଜ୍ୟର ବିଭିନ୍ନ କୋଣରେ କାର୍ଯ୍ୟକ୍ରମକୁ ପ୍ରସାର କରି ପାରିଥିଲେ ଏବଂ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ଦାୟିତ୍ୱ ବହନ କରି ସାହିତ୍ୟକୁ କିଭଳି ଭାବରେ ପ୍ରସାର କରାଯାଇପାରିବ ସେଥିପାଇଁ ସେ ମଧ ତାଙ୍କ ପ୍ରୟାସ ଜାରି ରଖିଥିଲେ। ତାଙ୍କର ବିୟୋଗରେ ଓଡ଼ିଶା ରାଜ୍ୟରେ ଏକ ଅପୂରଣୀୟ କ୍ଷତି ଘଟିଛି ବୋଲି ଅତିଥିମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ବ୍ୟାପକ ଅନିୟମିତତା ଓ ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ ଦାବୀରେ ବ୍ଲକ ଘେରାଉ

କେନ୍ଦୁଝର, (ପି.ଏନ): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ କରି ସୋମବାର ଦିନ ଭାଜପା ସଦର ନିର୍ବାଚନମଣ୍ଡଳୀ ପକ୍ଷରୁ କେନ୍ଦୁଝର ସଦର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି। କାଳୀପଡିଆରୁ ଏକ ଶୋଭାଯାତ୍ରାରେ ବାହାରି ଭାଜପାର ଶତାଧିକ କର୍ମୀ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରା ଦେଇ ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭାଜପା ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ସଭାପତିତ୍ୱରେ ଏହି ଉପଲକ୍ଷେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ସଦର ବିଧାୟକ ମୋହନ ଚରଣ ମାଝୀ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ କରି ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଘର ଯୋଗାଇ ଦେବାକୁ ଦାବୀ କରିଥିଲେ। ଚଞ୍ଚକତା କରି ଶାସକ ବିଜେଡି ଦଳୀୟ ଆଧାରରେ ଅଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଆବଣ୍ଟନ କରିଥିବା କାରଣରୁ ଆଜି ଲକ୍ଷ ଲକ୍ଷ ବାସହୀନ ପକ୍କାଘର ପାଇବାରୁ ବଞ୍ଚିତ ହେଉଥିବା ଶ୍ରୀ ମାଝୀ ଅଭିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବଡ ଧରଣର ଅନିୟମିତତା ହୋଇଥିବା ଅଭିଯୋଗ କରିଥିଲେ କେନ୍ଦୁଝରଗଡ ପୌରାଧକ୍ଷ ନିକୁ ସାହୁ। ଶେଷରେ ବିଡିଓ ଙ୍କ



ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଗରିବ ଲୋକଙ୍କ ହକ୍ କୁ କେହି ଅପହରଣ କରିବ, ଏହାକୁ ବିଜେପି ଆଦୌ ବରଦାସ୍ତ କରିବ ନାହିଁ। ଓଡିଶାରେ ଏହି ଯୋଜନାକୁ ସଠିକତାର ସହ ପ୍ରଣୟନ ପାଇଁ ଭାଜପା ସଜାଗ ଦୃଷ୍ଟି ରଖିଥିବା ସେ କହିଥିଲେ। ରାଜ୍ୟରେ ୨୭ ଲକ୍ଷ ପକ୍କା ଘର ଆବଶ୍ୟକ ଥିବାର ରାଜ୍ୟ ସରକାର କହିଥିବାବେଳେ ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାର ୨୮ ଲକ୍ଷ ପକ୍କା ଘର ଯୋଗାଇ ଦେଇଛନ୍ତି। ମାତ୍ର ଚଞ୍ଚକତା କରି ଶାସକ ବିଜେଡି ଦଳୀୟ ଆଧାରରେ ଅଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଆବଣ୍ଟନ କରିଥିବାରୁ ଲକ୍ଷ ଲକ୍ଷ ବାସହୀନ ପରିବାର ଘର ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ଘେରାଉ କାର୍ଯ୍ୟକ୍ରମରେ ନଗର ମଣ୍ଡଳ ବିଶ୍ୱଜିତ୍ ତ୍ରିପାଠୀ, ସଦର ନିର୍ବାଚନମଣ୍ଡଳୀ ପ୍ରଭାରୀ ରାମଚନ୍ଦ୍ର ସାହୁ, କିରଣବାଳା ନାୟକ, ଭାଜପା ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ସୂତ୍ରଧର, ସାବିତ୍ରୀ ବିଶ୍ୱାଳ, ନଗର ଯୁବ ମୋର୍ଚ୍ଚା ସଭାପତି ପ୍ରିୟବ୍ରତ ଜେନା, ଜିଲ୍ଲା ଉପ ସଭାପତି ଗଣେଶ୍ୱର ମହାନ୍ତ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସୁବ୍ରତ ମହାନ୍ତି, ରାଇସୁଆଁ ମଣ୍ଡଳ ସଭାପତି ବାବୁ ସେଠୀ, ପଳାଶପଙ୍ଗା ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତ, ନରଣପୁର ମଣ୍ଡଳ ସଭାପତି ଚିନ୍ତାମଣି ମହାନ୍ତ, ପୂର୍ବତନ ସାଧାରଣ ସମ୍ପାଦକ ଦିଲ୍ଲୀପ ପଣ୍ଡା, ନରଣପୁର ମଣ୍ଡଳ ସାଧାରଣ ସମ୍ପାଦକ ଦୋଳଗୋବିନ୍ଦ ପଣ୍ଡା, ବିବେକାନନ୍ଦ ମହାନ୍ତ, ସରୋଜ ସାହୁ, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସାଦାରଣ ସମ୍ପାଦକ ଏମଡି ଜଲ୍ଲାଲୁଦ୍ଦିନ ଆକବର, ବିବେକା ମହାନ୍ତ, ଧନୁର୍ଜୟ ମହାନ୍ତ, କାଉନସିଲର ଇନ୍ଦୁମତୀ ମିଶ୍ର, ପଙ୍କଜ କୁମାର ଦ୍ୱିବେଦୀ, କଳ୍ପନା ସାହୁ, ମୀନା ଦଳେଇଙ୍କ ଶତାଧିକ ନେତା ଓ କର୍ମୀ ଯୋଗ ଦେଇଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray